Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 19, Issue : 185
Tuesday, 09 September 2025
Balasore, Page : 8, ₹ 2/
ବାଲେଶ୍ୱର, ମଙ୍ଗଳବାର, ୯ ସେପ୍ଟେମ୍ବର, ୨୦୨୫
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

# ସେଇଠୁ ଆରମ୍ଭ
SEITHO ARAMBHA



ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

## ଉପରାଷ୍ଟ୍ରପତି ନିର୍ବାଚନ: ଏନଡିଏ ପ୍ରାର୍ଥୀ ବିଜୟୀ ହେବା ଏକ ପ୍ରକାର ନିଶ୍ଚିତ

ନୂଆଦିଲ୍ଲୀ,୦୮/୦୯(ନ୍ୟୁ.ଏ): ମଙ୍ଗଳବାର ଦେଶରେ ହେବ ଉପ ରାଷ୍ଟ୍ରପତି ନିର୍ବାଚନ । ଏଥିପାଇଁ ସବୁ ପ୍ରକାରର ପ୍ରସ୍ତୁତି ଶେଷ ହୋଇଛି । ଉଭୟ ଶାସକ ଓ ବିରୋଧୀ ନିଜର ରଣନୀତି ପ୍ରସ୍ତୁତ କରି ସାରିଛନ୍ତି । ମଙ୍ଗଳବାର ହେବାକୁ ଥିବା ଉପ ରାଷ୍ଟ୍ରପତି ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନଡିଏ ପ୍ରାର୍ଥୀ ବିଜୟୀ ହେବା ଏକ ପ୍ରକାରର ନିଶ୍ଚିତ । ହେଲେ ପୂର୍ବ ନିର୍ବାଚନ ଗୁଡ଼ିକ ଭଳି ଏଥର ବିଜୟ ବ୍ୟବଧାନ ଯଥେଷ୍ଟ କମ ରହିବ ବୋଲି ସ୍ପଷ୍ଟ ହୋଇଛି । ଖାସ ଏହି କାରଣ ପାଇଁ ଏନଡିଏ ପକ୍ଷରୁ ମେଣ୍ଟର ପ୍ରତିଟି ଭୋଟକୁ ଟ୍ରାକ କରାଯାଉଛି । ଗୋଟିଏ ହେଲେ ବି ଭୋଟ ମେଣ୍ଟ ହରାଇବାକୁ ଚାହୁଁନାହିଁ । ଉପ ରାଷ୍ଟ୍ରପତିଙ୍କୁ ସଂସଦର ସଦସ୍ୟମାନେ ସିକ୍ରେଟ ବାଲଟ ଦ୍ୱାରା ନିର୍ବାଚିତ କରନ୍ତି । ଏହାର ଅର୍ଥ ସାଂସଦମାନେ ନିଜ ଇଚ୍ଛାରେ ଭୋଟ ଦେଇପାରିବେ । ତଥାପି ଦେଶରେ ହେଉଥିବା ଉପ ରାଷ୍ଟ୍ରପତି ନିର୍ବାଚନରେ ସାଂସଦମାନେ ଦଳ କଥାରେ ଭୋଟ ଦିଅନ୍ତି । ନିର୍ବାଚନରେ କ୍ରସ ଭୋଟିଂ ମଧ୍ୟ ହୋଇଥାଏ । ପୂର୍ବରୁ ଅନେକ ଥର ଏହା ଦେଖିବାକୁ ମିଳିଛି । ଏନଡିରେ ନ ରହି ମଧ୍ୟ ଆନ୍ଧ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନ ରେଡ୍ଡୀଙ୍କ ୱାଇଏସ୍ ଆର କଂଗ୍ରେସ ଓ ବିଆରଏସ୍ ସାଂସଦମାନେ ବିଜେପିକୁ ସମର୍ଥନ କରିଛନ୍ତି । ୨୦୨୨ରେ ଜଗଦୀପ ଧନଖଡ଼ ଦୀର୍ଘ ୩ ଦଶନ୍ଧି ମଧ୍ୟରେ ସବୁଠାରୁ ବଡ଼ ବିଜୟ ଉପ ରାଷ୍ଟ୍ରପତି ନିର୍ବାଚନରେ ହାସଲ କରିଥିଲେ । ଓଡ଼ିଶାର ବିଜେଡି ଓ ଆନ୍ଧ୍ରର ୱାଇଏସ୍‌ଆର କଂଗ୍ରେସ ମଧ୍ୟ ତାଙ୍କୁ ସମର୍ଥନ କରିଥିଲା । ପ୍ରାୟ ୭୫% ସାଂସଦଙ୍କ ସମର୍ଥନ ଧନଖଡ଼ ପାଇଥିଲେ । ଅନେକ ସାଂସଦ ଦଳ ଲାଇନରୁ ବାହାରକୁ ଯାଇ କ୍ରସ ଭୋଟିଂ କରିଥିଲେ । ଏଥିର ମଧ୍ୟ କ୍ରସ ଭୋଟିଂର ଯଥେଷ୍ଟ ସମ୍ଭାବନା ରହିଛି ।





ବର୍ତ୍ତମାନ ରାଜ୍ୟସଭାରେ ୨୩୯ ଓ ଲୋକସଭାରେ ୫୪୨ ଜଣ ସାଂସଦ ରହିଛନ୍ତି । ଏମାନେ ସମସ୍ତେ ଆସନ୍ତାକାଲି ଉପ ରାଷ୍ଟ୍ରପତି ନିର୍ବାଚନରେ ଭୋଟ ଦେଇପାରିବେ । କିନ୍ତୁ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଜୁ ଜନତା ଦଳ ଓ ତେଲଙ୍ଗାନାର ପୂର୍ବତନ ମୁଖ୍ୟମନ୍ତ୍ରୀ କେ ଚନ୍ଦ୍ରଶେଖର ରାଓଙ୍କ ବିଆରଏସ୍ ଭୋଟ ଦାନରୁ ଦୂରେଇ ରହିବେ ବୋଲି ଘୋଷଣା କରିଛନ୍ତି । ତେଣୁ ଏବେ ଉଭୟ ସଦନରେ ସାଂସଦଙ୍କ ସଂଖ୍ୟା ୭୭୦କୁ ଖସି ଆସିଛି । ଏହାର ଅର୍ଥ ନିର୍ବାଚନ ଜିତିବାକୁ ୩୮୬ ସାଂସଦଙ୍କ ଭୋଟ ଦରକାର । ବିଜେପି ନେତୃତ୍ୱାଧୀନ ଏନଡିଏ ପାଖରେ ଏବେ ମୋଟ ୪୨୫ ଜଣ ସାଂସଦ ରହିଛନ୍ତି । ତେଣୁ ବିଜେପି ପ୍ରାର୍ଥୀ ତଥା ମହାରାଷ୍ଟ୍ର ରାଜ୍ୟପାଳ ସିପି ରାଧାକ୍ରିଷ୍ଣନ ଦେଶର ଉପ ରାଷ୍ଟ୍ରପତି ହେବା ନିଶ୍ଚିତ । ତଥାପି ଶାସକ ଦଳ ଜଗନଙ୍କ ୱାଇଏସ୍‌ଆର କଂଗ୍ରେସର ସମର୍ଥନ ହାସଲ କରିପାରେ । ରାଜ୍ୟସଭାରେ ଦଳର ୭ ଜଣ ଓ ଲୋକସଭାରେ ୪ ଜଣ ସଦସ୍ୟ ରହିଛନ୍ତି । ଯଦି ୱାଇଏସ୍‌ଆର କଂଗ୍ରେସ ପକ୍ଷରୁ ସିପି ରାଧାକ୍ରିଷ୍ଣନଙ୍କୁ ସମର୍ଥନ କରାଯାଏ, ତା'ହେଲେ ବିଆରଏସ୍ ଓ ବିଜେଡି ବାଦ ମଧ୍ୟ ଏନଡିଏର ସାଂସଦଙ୍କ ସଂଖ୍ୟା ୪୩୬ରେ ପହଞ୍ଚିବ । ଏହାବାଦ ବି ଏନଡିଏର ସମର୍ଥନ ବଢ଼ିପାରେ । ସ୍ୱାତୀ ମାଲିୱାଲ ହେଉଛନ୍ତି ଆମ ଆଦମୀ ପାର୍ଟିର ରାଜ୍ୟସଭା ସାଂସଦ । କିନ୍ତୁ ଦଳ ସହ ସାଂସଦଙ୍କ ସମ୍ପର୍କ ବିଗିଡ଼ି ଯାଇଛି । ଗତବର୍ଷ ସେ ଦଳର ମୁଖିଆ ଅରବିନ୍ଦ କେଜ୍ରିୱାଲଙ୍କ ସହଯୋଗୀଙ୍କ ବିରୋଧରେ ମାଡ଼ ମାରିବାର ଅଭିଯୋଗ ଆଣିଥିଲେ । ଏହାକୁ ନେଇ ଆପ ସହ ମାଲିୱାଲଙ୍କ ପଡୁନାହିଁ । ତେଣୁ ମଙ୍ଗଳବାର ସେ ବିଜେପି ପ୍ରାର୍ଥୀଙ୍କୁ ଭୋଟ ଦେବାର ଯଥେଷ୍ଟ ସମ୍ଭାବନା ରହିଛି । ଲୋକସଭାରେ ଥିବା ୭ ସ୍ୱାଧୀନ ସାଂସଦଙ୍କ ଭୂମିକା ଉପରେ ମଧ୍ୟ ନଜର ରହିବ । ସେହିପରି ଅକାଳୀ ଦଳ ଓ ଜେଡପିଏମ(ମିଜୋରାମ)ର ମଧ୍ୟ ଜଣେ ଲେଖାଏ ସାଂସଦ ରହିଛନ୍ତି । ଯଦି ଏହି ସବୁ ଭୋଟ ରାଧାକ୍ରିଷ୍ଣନଙ୍କ ସପକ୍ଷରେ ଯାଏ, ତା'ହେଲେ ବିଜେପି ପ୍ରାର୍ଥୀଙ୍କ ଭୋଟ ୪୫୮ରେ ପହଁଯିବ । ତଥାପି ଏହା ୩ ବର୍ଷ ତଳେ ଧନଖଡ଼ ହାସଲ କରିଥିବା ୫୨୮ଟି ଭୋଟରୁ କମ ।

ସିପି ରାଧାକ୍ରିଷ୍ଣନଙ୍କୁ କାଉଣ୍ଟର କରିବା ଲାଗି କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ମେଣ୍ଟ ଇଣ୍ଡିଆ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ବି ସୁଦର୍ଶନ ରେଡ୍ଡୀଙ୍କୁ ଚୟନ କରିଛି । ତେବେ ଉଭୟ ଗୃହରେ ବିରୋଧୀ ମେଣ୍ଟର ମୋଟ ସାଂସଦଙ୍କ ସଂଖ୍ୟା ୩୨୪ । ତେଣୁ ଚଳିତ ନିର୍ବାଚନରେ କଡ଼ା ଟକ୍କର ଦେଖିବାକୁ ମିଳିବ । କାରଣ ୨୦୨୨ ଅପେକ୍ଷା ଏଥର ବିରୋଧୀଙ୍କ ପାଖରେ ଅଧିକ ସାଂସଦ ରହିଛନ୍ତି । ହେଲେ ଏହା ବିଜୟ ପାଇଁ ଯଥେଷ୍ଟ ନୁହେଁ । ଯଦି ସମସ୍ତ ବିରୋଧୀ ସାଂସଦ ମଙ୍ଗଳବାର ଜଷ୍ଟିସ ରେଡ୍ଡୀଙ୍କ ସପକ୍ଷରେ ଭୋଟ କରିବେ, ତଥାପି ସେ ୧୦୦ ଓ ୧୩୫ ଭୋଟ ପଛରେ ରହିବେ । ବିଆରଏସ, ବିଜେଡି, ସ୍ୱାତୀ ମାଲିୱାଲ, ସମସ୍ତ ସ୍ୱାଧୀନ ସାଂସଦ, ଅକାଳୀ ଦଳ ଓ ଜେଡପିଏମ(ମିଜୋରାମ) ର ସାଂସଦମାନେ ଯଦି ବି ଜଷ୍ଟିସ ରେଡ୍ଡୀଙ୍କୁ ସମର୍ଥନ କରିବେ, ତଥାପି ସେ ଉପ ରାଷ୍ଟ୍ରପତି ନିର୍ବାଚନରେ ଜିତିବା ପାଇଁ ଆବଶ୍ୟକ ସଂଖ୍ୟା ହାସଲ କରିପାରିବେ ନାହିଁ । ଏସବୁ ସତ୍ତ୍ୱେ ଇଣ୍ଡିଆ ବ୍ଲକ ନିର୍ବାଚନ ଜିତିବା ଠାରୁ ୭୦ ଖଣ୍ଡ ଭୋଟ ପଛରେ ରହିବ ।

## ନେପାଳ ସରକାର ବିରୋଧୀ ସ୍ୱର ଶାଣିତ: ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଇସ୍ତଫା



କାଠମାଣ୍ଡୁ,୦୮/୦୯(ନ୍ୟୁ.ଏ): ସୋଶାଲ ମିଡିଆ ବ୍ୟାନ ବିରୋଧରେ ନେପାଳ ସରକାର ବିରୋଧୀ ସ୍ୱରକୁ ଜେନ ଜେଡ ପକ୍ଷରୁ ଶାଣିତ କରାଯାଇଛି । ହଜାର ହଜାର ଜେନ ଜେଡ ଆଜି କାଠମାଣ୍ଡୁରେ ବିକ୍ଷୋଭ ପ୍ରଦର୍ଶନ କରିବାରୁ ପୂରା ଦେଶ ଅଶାନ୍ତ ହୋଇ ଉଠିଛି । ପୋଡ଼ାଜଳା ସାଙ୍ଗାକୁ ଭଙ୍ଗା ରୁଜା ସ୍ଥିତିକୁ ଅସ୍ଥିର କରିଛି । ବିକ୍ଷୋଭକାରୀଙ୍କୁ ଦମନ କରିବାକୁ ପୁଲିସ ଓ ସେନା ପକ୍ଷରୁ ଗୁଳି ମାଡ଼ କରାଯାଇଛି । ଏଥିରେ ୨୦ ଜଣ ବିକ୍ଷୋଭକାରୀ ପ୍ରାଣ ହରାଇବାରୁ ଅସନ୍ତୋଷର ନିଆଁ ଆହୁରି ବ୍ୟାପକ ହୋଇଛି । ଏବେ ୨୫୦ରୁ ଅଧିକ ଯୁବକଯୁବତୀ ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଏ ସବୁ ଭିତରେ ନେପାଳର ରମେଶ ଲେଖାକ ନିଜ ପଦରୁ ଇସ୍ତଫା ଦେଇଛନ୍ତି । ବିକ୍ଷୋଭ ବେଳେ ୨୦ ଜଣ ଶିକ୍ଷାର୍ଥୀଙ୍କ ଜୀବନ ଯାଇଥିବାରୁ ଏହାର ନୈତିକ ଦାୟିତ୍ୱ ସେ ଗୃହମନ୍ତ୍ରୀ ଭାବେ ନେଇଛନ୍ତି । ଏଥିଯୋଗୁ ସେ ନିଜ ପଦରୁ ଇସ୍ତଫା ଦେଇଛନ୍ତି । ନିଜର ଇସ୍ତଫାପତ୍ରକୁ ସେ ପ୍ରଧାନମନ୍ତ୍ରୀ କେପି ଓଲି ଶର୍ମା ଓ ନେପାଳର ରାଷ୍ଟ୍ରପତିଙ୍କ ପାଖକୁ ପଠାଇ ଦେଇଥିବା ଜଣାପଡ଼ିଛି ।

ସୂତ୍ର ଅନୁସାରେ, ନେପାଳୀ କଂଗ୍ରେସ ପଦାଧିକାରୀଙ୍କ ବୈଠକ ସମୟରେ ରମେଶ ପ୍ରଥମେ ନିଜର ଇସ୍ତଫା ପ୍ରସ୍ତାବ ଦେଇଥିଲେ । ଏହାପରେ ସେ ବିଧିବଦ୍ଧ ଭାବେ ନିଜ ପଦ ଛାଡ଼ିଛନ୍ତି । ଦେଶରେ ଅଶାନ୍ତିର ନିଆଁ ଜଳୁଥିବାରୁ ବିରୋଧୀ ରମେଶ ଓ ପ୍ରଧାନମନ୍ତ୍ରୀ କେପି ଓଲି ଶର୍ମାଙ୍କ ଇସ୍ତଫା ଦାବି କରୁଛନ୍ତି । ୨୦ ଜଣଙ୍କ ମୃତ୍ୟୁ ପାଇଁ ବିରୋଧୀ ସିଧା ଗୃହ ମନ୍ତ୍ରୀ ରମେଶଙ୍କୁ ଦାୟୀ କରିଥିଲେ । ଅନ୍ୟପକ୍ଷରେ ସ୍ଥିତିକୁ ଦେଖି ସମସ୍ତ ବଡ଼ବଡ଼ ରାଜନୀତିକ ଦଳ ଓ ବରିଷ୍ଠ ନେତାଙ୍କ ଠିକଣାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ି କଡ଼ି କରାଯାଇଛି । ଶାସକ ୟୁଏମଏଲ ଓ ନେପାଳୀ କଂଗ୍ରେସ ପାର୍ଟିର ମୁଖ୍ୟାଳୟର ଆଖପାଖ ଅଂଚଳରେ ମଧ୍ୟ କର୍ଫ୍ୟୁ ଲାଗୁ କରାଯାଇଛି । ଆଗାମୀ ଦୁଇ ଦିନ ପାଇଁ ଦେଶର ବିଭିନ୍ନ ସ୍ଥାନରେ ଥିବା ସ୍କୁଲ ଓ କଲେଜଗୁଡ଼ିକୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହାବାଦ ସେପଟ୍ଟେମ୍ବର ୯, ୧୦ ଓ ୧୧ ତାରିଖରେ ହେବାକୁ ଥିବା ସମସ୍ତ ପରୀକ୍ଷାକୁ ପରବର୍ତ୍ତୀ ନିର୍ଦ୍ଦେଶ ଯାଏ ସ୍ଥଗିତ ରଖାଯାଇଛି । ୧୯୯୭ରୁ ୨୦୧୨ମଧ୍ୟରେ ଜନ୍ମ ହୋଇଥିବା ଲୋକଙ୍କୁ ଏରଭ-ତ କୁହାଯାଏ । ଏମାନଙ୍କ ବୟସ ୧୮ରୁ ୩୦ ବର୍ଷ ମଧ୍ୟରେ ଅର୍ଥାତ ଏମାନେ ଦେଶର ଯୁବଗୋଷ୍ଠୀ । ଆଧୁନିକ ଟେକ୍ନୋଲୋଜି ସହ ମଧ୍ୟ ସେମାନେ ବେଶ ପାରଙ୍ଗମ । ଏବେ ଦେଶର ଯୁବଗୋଷ୍ଠୀ ସରକାରଙ୍କ ବିରୋଧରେ ରାଜରାସ୍ତାକୁ ଓହ୍ଲାଇଛନ୍ତି । ତେଣୁ ସେମାନଙ୍କୁ ଜେନ ଜେଡ କୁହାଯାଉଛି । ସେମାନଙ୍କ ବିକ୍ଷୋଭରେ ସରକାର ମଧ୍ୟ ଚେପା ହୋଇଯାଇଛନ୍ତି । ଏଥିପାଇଁ ପ୍ରଧାନମନ୍ତ୍ରୀ କେପି ଓଲି ଶର୍ମାଙ୍କ ଅଧ୍ୟକ୍ଷତାରେ ଘନଘଡ଼ ବୈଠକ ବସିବାରେ ଲାଗିଛି । ସେପଟ୍ଟେମ୍ବର ୪ରେ ନେପାଳ ସରକାର ୨୬ଟି ସୋଶାଲ ମିଡିଆକୁ ବ୍ୟାନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ସୋଶାଲ ମିଡିଆ ପ୍ଲାଟଫର୍ମ ଗୁଡ଼ିକ ସରକାରୀ ଗାଇଡଲାଇନକୁ ମାନୁ ନାହାନ୍ତି ଓ ସେମାନେ ନିଜକୁ ପଞ୍ଜୀକରଣ କରି ନଥିବାରୁ ସରକାର ସେଗୁଡ଼ିକୁ ବ୍ୟାନ କରିଥିଲେ । ସରକାର ଜାତୀୟ ସୁରକ୍ଷାର ଦ୍ୱାହି ଦେଉଥିବା ବେଳେ ବିକ୍ଷୋକାରୀ ଏହାକୁ ସାଧାରଣ ସ୍ୱରକୁ ବନ୍ଦ କରିବାର ପ୍ରୟାସ ବୋଲି କହିଛନ୍ତି ।

## ସାର ବଣ୍ଟନ ସମସ୍ୟା ଉପରେ ବିଭାଗର କଡ଼ା ନିର୍ଦ୍ଦେଶ ଜାରି

ଭୁବନେଶ୍ୱର,୦୮/୦୯(ଆ.ପ୍ର): ସାର ବଣ୍ଟନ ସମସ୍ୟାକୁ ନେଇ ସମବାୟ ବିଭାଗ ପକ୍ଷରୁ କଡା ନିର୍ଦ୍ଦେଶ ଜାରି ହୋଇଛି । ସମସ୍ତ ପ୍ୟାକ୍ସକୁ ନିଜର ଲାଇସେନ୍ସ ନବୀକରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସାର ବଣ୍ଟନକୁ ପ୍ରାଥମିକତା ଦେଇ ସାର ବଣ୍ଟନକୁ ପ୍ୟାକ୍ସ ଗୁରୁତ୍ୱ ଦେଉ ବୋଲି ନିର୍ଦ୍ଦେଶରେ କୁହାଯାଇଛି । ସାର ବଣ୍ଟନରେ ସାମିଲ ନହେଲେ ପ୍ୟାକ୍ସ ଧାନ କିଣି ପାରିବେନି । ଆଗକୁ ପ୍ରତି ବର୍ଷ ଏପ୍ରିଲ ମାସରୁ ସାର ବଣ୍ଟନ ନେଇ ପ୍ରସ୍ତୁତି ଆରମ୍ଭ କରିବାକୁ ନିର୍ଦ୍ଦେଶ ଜାରି ହୋଇଛି । ଗୋଦାମ ଏବଂ ବୈଧ ଲାଇସେନ୍ସ ଅଭାବରୁ ଏମିତି ନିଅଣ୍ଟ ସାର ବଣ୍ଟନ ପ୍ରଭାବିତ ହୋଇଥିବା ବୈଠକରୁ ଜଣାପଡିବା ପରେ ସମବାୟ ବିଭାଗ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି । ଏନେଇ ସମସ୍ତ ଡିଆରସିଏସଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି ସମବାୟ ବିଭାଗର ରେଜିଷ୍ଟ୍ରାର । ଏହା ସହ ଏବେ ତୃଣମୂଳ ସ୍ତରରେ ଥିବା ସମସ୍ୟା ଏବଂ ସାର ବଣ୍ଟନ ସ୍ଥିତି ଉପରେ ନଜର ରଖିବାକୁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି ।

## ଉତ୍କଳ ବିଶ୍ୱବିଦ୍ୟାଳୟରେ ମୋହନଙ୍କ ସର୍ଜିକାଲ ଷ୍ଟ୍ରାଇକ୍ ଆରମ୍ଭ

ଭୁବନେଶ୍ୱର,୦୮/୦୯(ଆ.ପ୍ର): ଉତ୍କଳ ବିଶ୍ୱବିଦ୍ୟାଳୟରୁ ଅଣଛାତ୍ରଙ୍କୁ ତଡିବା ପ୍ରସଙ୍ଗରେ ବିଜେପି ଯୁବମୋର୍ଚ୍ଚା ପ୍ରତିକ୍ରିୟା ଦେଇଛି । ବିଜେଡ଼ି ଓ କଂଗ୍ରେସ କ'ଣ ପାଇଁ ପ୍ରତିକ୍ରିୟାଶୀଳ ହେଉଛନ୍ତି । ଯଦି ଆମ ଦଳର ଅଧିକ ଅଣଛାତ୍ର ଥିଲେ, ତାହାଲେ ଆମେ ପ୍ରତିକ୍ରିୟାଶୀଳ ହେବା କଥା ।ଏଥିରେ ବିଜେଡି ଓ କଂଗ୍ରେସ ଦଳକୁ କାହିଁକି ଝଟକା ଲାଗୁଛି । ସେମାନେ କାହିଁକି ବିଚଳିତ ହେଉଛନ୍ତି ବୋଲି ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ବିଜେପି ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଲାଷ ପଣ୍ଡା ପ୍ରଶ୍ନ କରିଛନ୍ତି । କୌଣସି ଆହ୍ୱନ ବେଳେ ଯିଏ ପ୍ରତିକ୍ରିୟାଶୀଳ ହୁଏ ସେ ହିଁ ଦୋଷୀ ।



ଉତ୍କଳ ବିଶ୍ୱବିଦ୍ୟାଳୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାର ସର୍ଜିକାଲ ଷ୍ଟ୍ରାଇକ୍ ଆରମ୍ଭ କରିଛନ୍ତି । ଯାହା କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ସେଥିରେ ଶିକ୍ଷାର ମଙ୍ଗଳ ହେବ । ବହୁତ ଦିନର ଦାବି ଥିଲା ପୂରଣ ହୋଇଛି । ସେଥିପାଇଁ ସରକାରଙ୍କୁ ସାଧୁବାଦ ଜଣାଉଛୁ । ଆଗାମୀ ଦିନରେ ଅନ୍ୟ ବିଶ୍ୱବିଦ୍ୟାଳୟରେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ଅଭିଳାଷ ପଣ୍ଡା ଆଶାବ୍ୟକ୍ତ କରିଛନ୍ତି । ବିଜେଡି ଛାତ୍ର ନେତ୍ରୀ ମୋହନ ସରକାରଙ୍କୁ ଦହନ ସରକାର କହିବା ପ୍ରସଙ୍ଗରେ ପ୍ରତିକ୍ରିୟା ଦେଇ ସେ କହିଛନ୍ତି, ସେମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ନେଇ କହୁଥିବା ଅପଶବ୍ଦ ତାଙ୍କର ଦଳ ପରିଚୟ ଓ ମର୍ଯ୍ୟାଦାକୁ ଦର୍ଶାଉଛି । ମୋହନ ମାଝୀ ଦେଢ଼ ବର୍ଷ ଭିତରେ ଓଡ଼ିଆ ଲୋକଙ୍କ ମନରେ ଘର କରିଛନ୍ତି । ୨୫ ବର୍ଷରେ ନବୀନ ବାବୁ ଯେତିକି ଲୋକଙ୍କୁ ଭେଟି ନଥିବେ ମୋହନ ମାଝୀ ତାହାର ୧୦୦ ଗୁଣା ଅଧିକ ଲୋକଙ୍କ ଭେଟି ସାରିଲେଣି ବୋଲି ଅଭିଳାଷ କହିଛନ୍ତି । ଛାତ୍ର ନିର୍ବାଚନ ନେଇ ସେ କହିଛନ୍ତି, ସରକାର ରାଜ୍ୟରେ ଶିକ୍ଷା ନୀତିରେ ସଂସ୍କାର ଆଣୁଛନ୍ତି । ଠିକ୍ ସମୟରେ ପରୀକ୍ଷା ଫଳ ପ୍ରକାଶକୁ ଗୁରୁତ୍ୱ ଦେଉଛନ୍ତି । ଶିକ୍ଷାନୁଷ୍ଠାନରେ ନେତୃତ୍ୱ ବିକାଶକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି । ତେଣୁ ଆମ ସରକାର ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେବେ । ସୂଚନାଯୋଗ୍ୟ ଯେ, ବାଣୀବିହାର ଉତ୍କଳ ବିଶ୍ୱବିଦ୍ୟାଳୟରେ ଉତ୍ତେଜନା ପ୍ରକାଶ ପାଇଛି । ଜଣେ ଛାତ୍ରଙ୍କୁ ମାଡ଼ ମରା ଯାଇଥିବା ଅଭିଯୋଗ ହୋଇଛି । ଉତ୍ୟକ୍ତ ଛାତ୍ରମାନେ ସହିଦ ନଗର ଥାନା ଘେରାଉ କରିଛନ୍ତି । ଅଣଛାତ୍ରଙ୍କୁ କ୍ୟାମ୍ପସ୍‌ରୁ କାଢ଼ିବା ଘଟଣାକୁ ନେଇ ସକାଳୁ ବିଶ୍ୱବିଦ୍ୟାଳୟ ପରିସରରେ ଚାପା ଉତ୍ତେଜନା ଲାଗି ରହିଥିଲା । ଏହାପରେ ଛାତ୍ରଙ୍କୁ ମାଡ଼ କରାଯାଇଥିବା ଅଭିଯୋଗ ହୋଇଛି । ବାଣୀବିହାର କ୍ୟାମ୍ପସରୁ ଅଣଛାତ୍ର ହଟାଇବା ଘଟଣାରୁ ଉତ୍ତେଜନା ହୋଇଥିବା କୁହାଯାଉଛି । ବାଣୀବିହାର କର୍ମଚାରୀ କ୍ୟା[ିନରେ ମହିଳାଙ୍କୁ କବିର ସେଠି,ମନୋରଞ୍ଜନ ମଲ୍ଲିକ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି । ଛାତ୍ରଙ୍କୁ ବିଶ୍ୱବିଦ୍ୟାଳୟ କର୍ମଚାରୀ ମାଡ଼ ମାରିବାକୁ ନେଇ ସହିଦ ନଗର ଥାନାରେ ବହୁ ସଂଖ୍ୟକ ଛାତ୍ର ଓ ପୂର୍ବତନ ଛାତ୍ର ଏକାଠି ହୋଇ ଅଭିଯୋଗ କରିଛନ୍ତି ।

## ବିଲ୍ଡିଂ ପ୍ଲାନ୍ ଆପ୍ରୁଭାଲ ପୂର୍ବରୁ ଓସି ବାଧ୍ୟତାମୂଳକ

ଭୁବନେଶ୍ୱର,୦୮/୦୯(ଆ.ପ୍ର): ବିଲଡର ସଂସ୍ଥା ଓ ମାଲିକଙ୍କୁ ଚରମବାଣୀ । ଯେଉଁଠି ଚାହିଁଲେ ମନଇଚ୍ଛା ଆଉ କରିପାରିବେନି ଆପାର୍ଟମେଣ୍ଟ କି ଫ୍ଲାଟ୍ । କ୍ରେତାଙ୍କୁ ହଇରାଣ ହରକତ କରିପାରିବେ ନାହିଁ । ଇଏ ହେଉଛି ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ୧୦ଟି ବିନ୍ଦୁକୁ ନେଇ ଜାରି ହୋଇଥିବା ବିଜ୍ଞପ୍ତି ।



ଯେଉଁଥିରେ ଉଲ୍ଲେଖ ରହିଛି ପ୍ଲାନ ଅନୁମୋଦନ ପୂର୍ବରୁ ବିଲଡର ଅକୁପାନ୍ସି ସାର୍ଟିଫିକେଟ ଦେବା ସଂକ୍ରାନ୍ତରେ ଅଣ୍ଡରଟେକିଂ ଦେବେ । ନିର୍ମାଣ ସ୍ଥାନରେ ପ୍ରଦର୍ଶନ କରିବେ ବିଲଡିଂ ପ୍ଲାନର ଏକ କପି । ପ୍ଲାନ ଅନୁମୋଦନକାରୀ କର୍ତ୍ତୃପକ୍ଷ ସମୟ ସମୟରେ ନିର୍ମାଣାଧୀନ ବିଲ୍ଡିଂର ଯାଞ୍ଚ କରିବେ । କୌଣସି ତ୍ରୁଟି ବିଚ୍ୟୁତି ଧରାପଡ଼ିଲେ ଆଇନ ଅନୁଯାୟୀ ହେବ କାର୍ଯ୍ୟାନୁଷ୍ଠାନ । କାଟି ଦିଆଯିବ ବିଦ୍ୟୁତ୍, ପାଣି ଓ ସ୍ୱରେଜ୍ ସଂଯୋଗ । ଦଖଲ ପ୍ରମାଣପତ୍ର ବା ଅକୁପାନ୍ସି ସାର୍ଟିଫିକେଟ ପ୍ରଦାନ ପ୍ରକ୍ରିୟାକୁ ସ୍ଥଗିତ ରଖାଯିବ । ସେହିପରି ଓସି ଇସ୍ୟୁ ପରେ ନିୟମ ଉଲ୍ଲଂଘନ କଲେ ନିର୍ମାଣକାରୀ ଓ ସଂପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ ବି ହେବ ବିଭାଗୀୟ କାର୍ଯ୍ୟାନୁଷ୍ଠାନ । ଅନଧିକୃତ ନିର୍ମାଣ ହୋଇଥିଲେ ଟ୍ରେଡ୍ ଲାଇସେନ୍ସ ମିଳିବନି । ଓସି ନଥିଲେ ଋଣ ମଞ୍ଜୁର ହେବନି । ରାଜ୍ୟ ସରକାରଙ୍କ ନୂଆ ନିୟମକୁ କ୍ରେତା ଓ ରିଅଲ୍ ଇଷ୍ଟେଟ କର୍ମୀ ସ୍ୱାଗତ କରିଛନ୍ତି । ବିଭିନ୍ନ ସମୟରେ ବିଲଡରଙ୍କ ମନମାନୀ ଯୋଗୁଁ ଶୋଷଣର ଶିକାର ହେଉଥିଲେ କ୍ରେତା । କେତେବେଳେ ନିର୍ମାଣରେ ବିଳମ୍ବ ତ କେବେ ଠିକ ସମୟରେ ଘର ହସ୍ତାନ୍ତର ହେଉ ନଥିଲା । କେଉଁଠି ବେଆଇନ ଭାବରେ ହେଉଥିଲା ପ୍ରକଳ୍ପ ନିର୍ମାଣ । ଅଗ୍ରୀମ ଟଙ୍କା ନେଇ ବିଲଡର ସଂସ୍ଥା ମାଲେମାଲେ ହେଉଥିବା ବେଳେ ହଇରାଣରେ ପଡୁଥିଲେ କ୍ରେତା । ନୂଆ ନିୟମ ଏବେ ମନମାନୀ ଉପରେ ଅଙ୍କୁଶ ଲଗାଇବ । ବିଭାଗୀୟ ମନ୍ତ୍ରୀ କହିଛନ୍ତି, ଆଗକୁ ନିୟମକୁ ଆହୁରି କଡ଼ାକଡ଼ି କରାଯିବ । ରିୟଲ ଇଷ୍ଟେଟ କ୍ଷେତ୍ରରେ ସଂସ୍କାର ଆଣିବାକୁ କଡ଼ା ଗାଇଡଲାଇନ ରହିଥିଲେ ବି ଅନୁପାଳନ କରୁନାହାନ୍ତି ବିଲଡର । ଯାହାକୁ ନେଇ ସୁପ୍ରିମକୋର୍ଟ ଉଦବେଗ ପ୍ରକାଶ କରିବା ସହ ବେଆଇନ ଓ ଅନଧିକୃତ ନିର୍ମାଣ ବିରୋଧରେ ଦୃଢ଼ ଆଭିମୁଖ୍ୟ ଗ୍ରହଣ କରିବାକୁ ସବୁ ରାଜ୍ୟକୁ ନିର୍ଦ୍ଦେଶ ଦେଇଥିଲେ ସୁପ୍ରିମକୋର୍ଟ ।

## ଶ୍ରୀମୟୀଙ୍କ 'ଧୃତରାଷ୍ଟ୍ର' ମନ୍ତବ୍ୟ: ଜବାବ ରଖିଲେ ପାଣ୍ଡିଆନ

ଭୁବନେଶ୍ୱର,୦୮/୦୯(ଆ.ପ୍ର): ବିଜେଡିର ଆଭ୍ୟନ୍ତରୀଣ କନ୍ଦଳର ଆଉ ଏକ ଚିତ୍ର ଆଜି ପଦାକୁ ଆସିଛି । ବିଜେଡିର ପ୍ରଭାବଶାଳୀ ନେତ୍ରୀ ଶ୍ରୀମୟୀ ମିଶ୍ର ସୋସିଆଲ ମିଡିଆରେ 'ମହାଭାରତର ଧୃତରାଷ୍ଟ୍ର' ଉପାଖ୍ୟାନ ପ୍ରସଙ୍ଗର ଉଦାହରଣ ଦେଇ ପରୋକ୍ଷରେ ସିଧାସଳଖ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ୍ କରିବାର ୪ଘଣ୍ଟା ନପୁରୁଣୁ ବିଜେଡିର ଅଘୋଷିତ ସର୍ବେସର୍ବା ଭିକେ ପାଣ୍ଡିଆନ ସେହି ସୋସିଆଲ ମିଡିଆ ମାଧ୍ୟମରେ 'ଶ୍ରୀକୃଷ୍ଣଙ୍କ ଉପାଖ୍ୟାନ' କହି ପାଲଟା ଜବାବ ଦେଇ ବୁଝାଇବାକୁ ପ୍ରୟାସ କରିଛନ୍ତି । ଆଉ ସେପଟେ ବିଜେଡି ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଗଣମାଧ୍ୟମରେ ଶ୍ରୀମୟୀଙ୍କ ସମ୍ପର୍କରେ ତାଳିପକା ବୟାନ ଦେଇ ଦଳର ଆଭ୍ୟନ୍ତରୀଣ କନ୍ଦଳକୁ ଲୁଚାଇବାକୁ ପ୍ରୟାସ କରିଥିବା ଜଣାପଡ଼ିଛି । ବିଜେଡିର ସାଂଗଠନିକ ପରିଚାଳନାକୁ ନେଇ ବିଗତ କିଛିଦିନ ମଧ୍ୟରେ ବରିଷ୍ଠ ନେତା ଦେବାଶୀଷ ସାମନ୍ତରାୟ, ଅଶୋକ ପଣ୍ଡା, ବଦ୍ରି ପାତ୍ର, ପ୍ରଫୁଲ୍ଲ ମଲ୍ଲିକ, ଭୂପିନ୍ଦର ସିଂ, ଅରୁଣ ସାହୁ ଓ ଆଜି ଶ୍ରୀମୟୀ ଦଳୀୟ ନେତୃତ୍ୱଙ୍କୁ ପରୋକ୍ଷରେ କଟାକ୍ଷ କରିବା ବିଜେଡି ରାଜନୀତିକୁ ସରଗରମ କରାଇଛି ।





ଦୀର୍ଘଦିନ ଧରି ଦଳୀୟ ସାଂଗଠନିକ କାର୍ଯ୍ୟରୁ ଦୂରେଇ ରହିଥିବା ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ର ଆଜି ତାଙ୍କର ସୋସିଆଲ ମିଡିଆରେ 'ମହାଭାରତ ଉପାଖ୍ୟାନ'କୁ ନେଇ ଗୋଟିଏ ପୋଷ୍ଟ କରିଛନ୍ତି । ଯେଉଁଥିରେ ସେ କାହାରି ନାଁ ଉଲ୍ଲେଖ କରିନଥିଲେ ମଧ୍ୟ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଓ ତାଙ୍କ ସହଯୋଗୀ ଭିକେ ପାଣ୍ଡିଆନଙ୍କୁ କଟାକ୍ଷ କରି ଏହି 'ପୋଷ୍ଟ' ହୋଇଥିବା ଆକଳନ କରାଯାଉଛି । ଶ୍ରୀମୟୀ ଲେଖିଛନ୍ତି ଯେ " ଧୃତରାଷ୍ଟ୍ର, ହସ୍ତିନାପୁରର ରାଜା ଭାବେ, ଦ୍ରୌପଦୀଙ୍କ ଅପମାନ ହେଉଥିବା ସଭାରେ ଅଧ୍ୟକ୍ଷତା କରୁଥିଲେ । ଅନ୍ୟାୟ ବିଷୟରେ ଜାଣି ମଧ୍ୟ ସେ ଏହି ଅପମାନ ରୋକିବାକୁ ଚେଷ୍ଟା କରି ନଥିଲେ । ଧୃତରାଷ୍ଟ୍ରଙ୍କର ତାଙ୍କ ପୁତ୍ରମାନଙ୍କ, ବିଶେଷତଃ ଦୁର୍ଯୋଧନ ପ୍ରତି ଅନ୍ଧପ୍ରୀତି, ତାଙ୍କୁ ନୀରବ ରହିବାକୁ ପ୍ରଭାବିତ କରିଥିଲା । କିଛିଲୋକ ଧୃତରାଷ୍ଟ୍ର ପରି ଅନ୍ଧ, ଯେଉଁମାନେ ଅନ୍ୟାୟ ରୋକିବାକୁ ପ୍ରକୃତ ପ୍ରୟାସ କରନ୍ତି ନାହିଁ । ଇତିହାସ ଏପରି ଅଯୋଗ୍ୟ ରାଜାଙ୍କୁ କେବେ କ୍ଷମା କରେ ନାହିଁ, କାରଣ ସେମାନଙ୍କର ନୀରବତା ଦୁଃଖଦ ପରିଣାମ ଆଣିଥାଏ ।" ଶ୍ରୀମୟୀଙ୍କ ଏଭଳି 'ପୋଷ୍ଟ' ଓ ତେରଛା ବାଣକୁ ନେଇ ବିଜେଡିରେ କମ୍ପନ ସୃଷ୍ଟି ହେବା ସହ ସୋସିଆଲ ମିଡିଆ ଓ ଗଣମାଧ୍ୟମରେ ବ୍ୟାପକ ଚର୍ଚ୍ଚା ପରେ ଦଳର ଅଘୋଷିତ ସର୍ବେସର୍ବା ଭିକେ ପାଣ୍ଡିଆନ ଆଗକୁ ଆସିଛନ୍ତି । ନିଜର ସୋସିଆଲ ମିଡିଆ ଆକାଉଣ୍ଟ ମାଧ୍ୟମରେ 'ଶ୍ରୀକୃଷ୍ଣଙ୍କ ଉପାଖ୍ୟାନ' ରଖି ଶ୍ରୀମୟୀଙ୍କୁ ବୁଝାଇବାକୁ ପ୍ରୟାସ କରିଛନ୍ତି । ପାଣ୍ଡିଆନ ନିଜର ୧.୫୧ଲକ୍ଷ ଫଲୋଅର ଥିବା 'ଭିକେ ପାଣ୍ଡିଆନ ଫ୍ୟାନ କ୍ଲବ୍?' ମାଧ୍ୟମରେ ଜବାବ ରଖି କହିଛନ୍ତି ଯେ, "ଯେତେବେଳେ ଯୁଗ ବଦଳୁ ଥିଲା ସେତେବେଳେ ସମସ୍ତେ ଶ୍ରୀକୃଷ୍ଣଙ୍କୁ କହୁଥିଲେ, ଆପଣ ଯାହା କରୁଛନ୍ତି ସବୁ ଭୁଲ୍ । କିନ୍ତୁ ଶ୍ରୀକୃଷ୍ଣ ମାନବ ଜାତିର ମଙ୍ଗଳ ପାଇଁ, କାମ କରି ଚାଲିଥିଲେ, ଯୋଉଟାକୁ ପରେ ସମସ୍ତେ ବୁଝି ପାରିଲେ । ତେଣୁ ଝବ୍ୱଙ୍କଗ୍ୱଗ୍ୱ ଞଷର ଚକ୍ୱକ୍ଟମରସ୍ୱଗ୍ୱ. ଗବଛ ଭର ଭକ୍ଟଗ୍ୱ ସଞ୍ଚ-ଞ୍ଚରୟସବଗ୍ୱର ଭଙ୍କଗ୍ୱ ୟରଲସଭସଗ୍ୱରକ୍ଷଛ ଗ୍ୱଷବଗ୍ୱ ଙ୍ଗସକ୍ଷକ୍ଷ ଷରକ୍ଷକ୍ଟ ଛକ୍ଟଙ୍କ (ପ୍ରକ୍ରିୟାରେ ଭରସା ରଖ । ହୁଏତ ତୁରନ୍ତ ନୁହେଁ, କିନ୍ତୁ ନିଶ୍ଚିତ ଭାବେ ଏହା ତୁମକୁ ସାହାଯ୍ୟ କରିବ) ।" ଏହି ଫ୍ୟାନକ୍ଲବରେ ଏବେ ୧.୫୧ଲକ୍ଷ ଫଲୋଅର ଥିବାବେଳେ ଏହା ପାଣ୍ଡିଆନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହେଉଥିବା ଜଣାପଡ଼ିଛି । ଏହି ଘଟଣାରେ ବିଜେଡି ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ତାଳିପକା ଉଦ୍ୟମ କରିଛନ୍ତି । ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, "କେହି ଅସନ୍ତୁଷ୍ଟ ନାହାନ୍ତି । ଶ୍ରୀମୟୀ ମିଶ୍ର ଆଜି ବି ଆମ ସହିତ ଅଛନ୍ତି । ମୋ ସହିତ ପ୍ରାୟ ସବୁବେଳେ କଥା ହୁଅନ୍ତି । ଯେଉଁଦିନ ନିଯୁକ୍ତି ପାଇଲୁ, ସେଦିନ ମଧ୍ୟ ମୁଁ ତାଙ୍କ ସହିତ କଥା ହୋଇଛି । ତେଣୁ କୌଣସି ପ୍ରକାର ଅସନ୍ତୋଷ ନାହିଁ । ସେ ଖୁବ୍ କମ ସମୟ ମଧ୍ୟରେ ଶଙ୍ଖ ଭବନକୁ ଆସିବେ ଏବଂ ଆମ ସହିତ ମିଶି କାମ କରିବେ । ଆଜି ମଧ୍ୟ ଦଳର ପ୍ରତ୍ୟେକ କାର୍ଯ୍ୟକ୍ରମରେ ତାଙ୍କୁ ସାମିଲ କରିବା ପାଇଁ ଆମେ ସବୁବେଳେ ଚେଷ୍ଟିତ ଅଛୁ । ନବୀନ ପଟ୍ଟନାୟକ ତାଙ୍କୁ ଦଳର ବିଭିନ୍ନ ପଦବୀରେ ରଖିଛନ୍ତି,ସବୁବେଳେ ଅଗ୍ରଣୀ ଭୂମିକା ଦେଇଛନ୍ତି । ସୋସିଆଲ ମିଡ଼ିଆରେ ଆମେ ସମସ୍ତେ ଆମେ ଅନେକ ସମୟରେ ଆମ ଭାବନା ବ୍ୟକ୍ତ କରୁ । ଏଥିରେ ଦଳ ପ୍ରତି ତାଙ୍କର କୌଣସି ଅସନ୍ତୋଷ ନାହିଁ ବୋଲି ସ୍ନେହାଙ୍ଗିନୀ କହିଛନ୍ତି ।"





କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ସେଇଠୁ ଆରମ୍ଭ
SEITHO ARAMBHA

ମଙ୍ଗଳବାର, ୯ ସେପ୍ଟେମ୍ବର, ୨୦୨୫ : ବାଲେଶ୍ୱର : ପୃଷ୍ଠା -୨


# ଧୋଡ୍ରାକୁ ନୂତନ ବ୍ଲକ ମାନ୍ୟତା ପାଇଁ କ୍ରିୟାନୁଷ୍ଠାନ ସମିତିର ଦାବି

ଝରିଗାଁ, ୦୮/୦୯ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଧୋଡ୍ରାକୁ ବ୍ଲକ ମାନ୍ୟତା ପାଇଁ ଦାବି ଆଜି ଜୋର ଧରିଛି । ୧୪ ଗୋଟି ପଂଚାୟତ ର ସରପଂଚ ସମେତ ତୃଣମୂଳ ପ୍ରତିନିଧିଙ୍କୁ ନେଇ ଆଜି ପୂର୍ବାହ୍ନ ୧୦ ଘଂଟା ସମୟରେ ସମସ୍ତେ ଏକତ୍ରିତ ହୋଇ ଉକ୍ତ ଦାବିକୁ ସରକାରଙ୍କୁ ଜଣାଇବା ପାଇଁ ଧୋଡ୍ରା ଦୁର୍ଗା ମଣ୍ଡପ ଠାରୁ ଏକ ବିରାଟ ଶୋଭାଯାତ୍ରା ରେ ବାହାରି ଶିବ ମନ୍ଦିର ଠାରେ ଯାଇଥିଲେ । ସେଠାରେ ପ୍ରଥମେ ମନ୍ଦିରରେ ପୂଜାର୍ଚ୍ଚନା କରି ବୈଠକ ଆରମ୍ଭ ହୋଇ ଥିଲା । ସ୍ଥାନୀୟ ବିଧାୟକ ଏବଂ ସାଂସଦଙ୍କ ଜରିଆରେ ରାଜ୍ୟ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟପାଳ ଓ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରିବା ପାଇଁ ଶହସ୍ର ଲୋକ ଏକତ୍ରିତ ହୋଇଥିଲେ । ଅନେକ ପଂଚାୟତ ୨୫ରୁ ୫୦କିମି ଦୂରରେ ଅବସ୍ଥିତ ଥିବା ହେତୁ ସରକାରଙ୍କ ଯୋଜନା ସମ୍ବନ୍ଧରେ କିଛି ଜାଣି ପାରୁନାହାନ୍ତି ଏବଂ ଅବହେଳିତ ଅବସ୍ଥାରେ ରହି ଆସୁଛନ୍ତି । ବର୍ତ୍ତମାନ ସରକାର କେତେକ ପଂଚାୟତ ସମିତିକୁ ଦୂରତା ତଥା ଗମନା ଗମନ ଦୃଷ୍ଟିରୁ ପୁନର୍ଗଠନ କରିବାକୁ ଚିନ୍ତା କରିଛନ୍ତି । ଏଣୁ ଧୋଡ୍ରା ଗ୍ରାମ ପଂଚାୟତ ଗୁଡିକର କେନ୍ଦ୍ର ସ୍ଥଳି ଏବଂ ଗମନା ଗମନ ସୁବିଧା ଦୃଷ୍ଟିରୁ ଧୋଡ୍ରାକୁ ନୂତନ ବ୍ଲକ କରିବାକୁ ଦାବି ହେଉଛି । ଝରିଗାଁ ବ୍ଲକର ଧାମନା ଗୁଡା, ଚାଟିଗୁଡା, ବକଡା ବେଡା, ଡଙ୍ଗରୀଗୁଡା, ଧୋଡ୍ରା, ଭିକ୍ଷା, କାନାକୋଟ ଓ ଉମରକୋଟ ବ୍ଲକର କାରାଗାଁ, ମୁଣ୍ଡିଗୁଡା, ସିଙ୍ଗିସାରୀ, ରାଜପୁର, ଭଣ୍ଡାରୀଗୁଡା, ତୋରେଙ୍ଗା, ଏବଂ ଡାବୁଗାଁ ବ୍ଲକର ନନ୍ଦପୁରା, ଘୋଡାଖୁଂଟା ପଂଚାୟତ ପ୍ରମୁଖ ମିଶାଇବାକୁ ଦାବି ହୋଉଛି ।




ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟ ରେ ସରପଂଚ ସଂଘ ବିଧାୟକ ନରସିଂ ଭତରାଙ୍କୁ ଦାବି ପତ୍ର ପଦାନ କରିଥିବା ବେଳେ ନୂତନ ବ୍ଲକ କ୍ରିୟାନୁଷ୍ଠାନ ସମିତି ସାଂସଦ ପ୍ରତିନିଧିଙ୍କୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି । ବ୍ଲକର ବହୁ ଦୂରରେ ଥିବା ଉପାନ୍ତ ପଂଚାୟତର ଅଧିବାସୀଙ୍କ ନିକଟରେ ପ୍ରଶାସନିକ ସେବା ଆଜିବି ଅପହଂଚ । ଜମିଜମା ମାଲିକ ମକଦମା, ବରିଷ୍ଠ ନାଗରିକଙ୍କ ପେନସନଜନିତ ସମସ୍ୟାର ସମାଧାନ ହୋଇ ପାରୁନାହିଁ । ଏଥିପାଇଁ ପ୍ରାୟ ୪୦କିଲୋମିଟର ଅତିକ୍ରମ କରିବାକୁ ପଡୁଛି । ଏହି ଅବସରରେ ଏହି ଅଂଚଳର ଉନ୍ନତି ଏବଂ ବିକାଶ ପାଇଁ ସବୁବେଳେ ଚିନ୍ତିତ ଏଣୁ ଶତ ପ୍ରତିଶତ କାର୍ଯ୍ୟ କରିବାକୁ ଚେଷ୍ଟା କରିବେ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନା କରିବେ ବୋଲି ଝରିଗାଁ ବିଧାୟକ ନରସିଂ ଭତରା ସମସ୍ତଙ୍କୁ ଆଶା ଦେଖାଇ ଛନ୍ତି । ଏହି ଅବସରରେ ଝରିଗାଁ ସାଂସଦ ପ୍ରତିନିଧି ଚନ୍ଦ୍ରଭାନୁ ନାୟକ, ଉଲଧର ମାଝୀ, ସମାଜ ସେବି କେଦାରସ୍ୱର ପଟ୍ଟନାୟକ, ବଂଶୀଧର ଭୂଇଁୟା, ମନୋଜ ପାତ୍ର, ମଙ୍ଗଳା ମାଝୀ, ହରି ପୂଜାରୀ, ଭାଗିରଥି ନାୟକ, ଅର୍ଜୁନ ସାମରଥ, ସୁକାଲୁ ଗଣ୍ଡ, ଅରବିନ୍ଦ ଗୁପ୍ତା, ବେଣୁଧର ମାଝୀ ବହୁ ପ୍ରମୁଖ ସମେତ ୧୪ଗୋଟି ପଂଚାୟତର ତୃଣମୂଳ ସ୍ତରରୁ ବହୁ ଜନତା ଉପସ୍ଥିତ ରହି ଆମର ଦାବି ପୂରଣ ହଉ ଏବଂ ଦାବି ପୂରଣ ହେବା ପର୍ଯ୍ୟନ୍ତ ଏହା ଜାରି ରହିବ ବୋଲି କହିଛନ୍ତି ।

# ତ୍ୱରିତ ସେବା ପାଇଁ ଏଣିକି ପ୍ରତ୍ୟେକ ସୋମବାର ପଲ୍ଲୀରେ ପ୍ରଶାସନ

ଚିଲିକା/ବାଣପୁର,୦୮/୦୯(ଆ.ପ୍ର) ଖୋର୍ଦ୍ଧା ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ଋତୁରାଜ ଜନ ସାଧାରଣ ମାନଙ୍କର ବିଭିନ୍ନ ଆପତି ଅଭିଯୋଗ ଗୁଡ଼ିକୁ ବିଚାର କରି ତ୍ୱରିତ ନ୍ୟାୟ ପ୍ରଦାନ ସହ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ନିମନ୍ତେ ନୂତନ ଭାବେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଆଜିଠାରୁ ସମଗ୍ର ଜିଲ୍ଲାରେ ଆରମ୍ଭ କରିଛନ୍ତି । ପ୍ରଶାସନିକ ବ୍ୟବସ୍ଥାକୁ ଅଧିକରୁ ଅଧିକ ସରଳୀକରଣ କରି ପ୍ରତ୍ୟେକ ଯୋଜନାର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ଉପଲବ୍ଧ କରାଇବା ସହ ସେମାନଙ୍କର ଜୀବନ ଜୀବିକା ଶୈଳୀରେ ଉନ୍ନତି ଆଣିବା ଓ ସେମାନଙ୍କ ଅର୍ଥନୈତିକ ଅଭିବୃଦ୍ଧି ଦୃତ ଗତିରେ କରାଇବା ଲକ୍ଷନେଇ ଏହି କାର୍ଯ୍ୟକ୍ରମ ଆଜିଠାରୁ ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ଗୋଟିଏ ଲେଖାଏ ପଲ୍ଲୀ (ପଂଚାୟତରେ) ଶୁଭାରମ୍ଭ ହୋଇଛି । ଖୋର୍ଦ୍ଧା ବ୍ଲକର ବାଜପୁର,ବାଣପୁର ବ୍ଲକର ଭେଟେଶ୍ୱର, ବେଗୁନିଆ ବ୍ଲକର କନ୍ତାବାଡ, ବୋଲଗଡ଼ ବ୍ଲକର ବୋଲଗଡ଼, ଟାଙ୍ଗିବ୍ଲକ୍ର ବଡପାରି ସମେତ ଚିଲିକା ବ୍ଲକ୍ ଅଧୀନ ହରିପୁର ଗ୍ରାମ ପଂଚାୟତ କାର୍ଯ୍ୟାଳୟରେ ଜିଲ୍ଲା ପ୍ରଶାସନର ପଲ୍ଲୀରେ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ଋତୁରାଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ହରିପୁର ଗ୍ରାମ ପଂଚାୟତରେ ପଲ୍ଲୀରେ ପ୍ରଶାସନ ଜନଶୁଣାଣି କାର୍ଯ୍ୟକ୍ରମରେ ମାନ୍ୟବର ମନ୍ତ୍ରୀ ପୂର୍ତ୍ତ, ଆଇନ ଓ ଅବକାରୀ ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ, ଆରକ୍ଷୀ ଅଧିକ୍ଷକ ଶ୍ରୀ ବିବେକାନନ୍ଦ ଶର୍ମା, ବନଖଣ୍ଡ ଅଧିକାରୀ ଲାଡେ ଗଜାନନ ଦୟାନନ୍ଦ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଖୋର୍ଦ୍ଧା ଶ୍ରୀ ଜ୍ୟୋତି ଶଙ୍କର ସାହୁ,




ଉପଜିଲ୍ଲାପାଳ ଶ୍ରୀ କିଶୋର କୁମାର ପଣ୍ଡା, ଚିଲିକା ପଂଚାୟତ ସମିତି ଅଧକ୍ଷା ଶ୍ରୀମତୀ ଜ୍ୟୋସ୍ନା ରାଣୀ ବେହେରା, ଉପାଧକ୍ଷ ଶ୍ରୀଯୁକ୍ତ ଅରୁଣ ପଟ୍ଟନାୟକ, ସରପଂଚ ଶ୍ରୀମତୀ ଗୀତାଞ୍ଜଳି ବେହେରା ପ୍ରମୁଖ ଯୋଗଦେଇ ଥିଲେ । ଅଭିଯୋଗ ପ୍ରକୋଷ୍ଠକୁ ମୋଟ ୧୪୭ ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୧୪୧ ଗୋଟି ବ୍ୟକ୍ତି ଗତ ଅଭିଯୋଗ, ୦୬ଗୋଟି ଗ୍ରାମୀଣ ସମସ୍ୟା ଅଭିଯୋଗ ଥିଲା । ୩ଜଣ ଅଭିଯୋଗକାରୀ, ହରିପୁର ଗ୍ରାମ ପଂଚାୟତ ର ଆଶାମଣି ବେହେରାଙ୍କୁ ଚିକିତ୍ସା ନିମନ୍ତେ ମୁଖ୍ୟ ମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୧୫ହଜାର, ସୁନିତା ପାତ୍ରଙ୍କୁ ୧୦ହଜାର ଏବଂ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ଚିକିତ୍ସା ନିମନ୍ତେ ତୃପ୍ତି ମୟୀ ରାଉତ, ନୂଆଗାଁ, ୱାର୍ଡ ନମ୍ବର୍ ୯ଙ୍କୁ ୧୦ହଜାର ଟଙ୍କା ଜିଲ୍ଲାପାଳ ପ୍ରଦାନ କରିଥିଲେ । ଅଭିଯୋଗ ସ୍ଥଳରେ ୦୭ ଗୋଟି ଅଭିଯୋଗର ତତକାଳ ସମାଧାନ କରିଥିଲେ । ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଦ୍ୱାରା ହାତ ପାଆନ୍ତାରେ ଜିଲ୍ଲା ପ୍ରଶାସନ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଂଚାଇବା ପାଇଁ ହିତାଧିକାରୀ ଚୟନର ଏକ ସୁଗମ ବାଟ ଫିଟିବ ବୋଲି ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ହରିଚନ୍ଦନ ପ୍ରକାଶ କରିବାସହ ଖୋର୍ଦ୍ଧା ଜିଲ୍ଲାବାସୀ ବହୁଳ ଭାବରେ ଏହାର ସୁଯୋଗ ନେବାକୁ ପରାମର୍ଶ ଦେଇଛନ୍ତି । ମାନ୍ୟବର ମନ୍ତ୍ରୀ, ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଏବଂ ସମସ୍ତ ଅତିଥି ଗ୍ରାମ ପଂଚାୟତ କାର୍ଯ୍ୟାଳୟରେ ନିଜ ନିଜ ମାଙ୍କ ନାମରେ ବୃକ୍ଷ ରୋପଣ କରିଥିଲେ । ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ହରିଚନ୍ଦନ ହରିପୁର ଗ୍ରାମପଂଚାୟତ ପ୍ରଥମ ମହଲାରେ ନୂତନ ଭାବେ ନିର୍ମିତ ସଭାଗୃହକୁ ଉଦ୍ଘାଟନ କରି ଲୋକାର୍ପଣ କରିଥିଲେ । ପରେ ମାନ୍ୟବର ମନ୍ତ୍ରୀ, ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଏବଂ ବରିଷ୍ଠ ପ୍ରଶାସନିକ ଅଧିକାରୀ ଏବଂ ଜନପ୍ରତିନିଧି ବୃନ୍ଦ ସ୍ୱାସ୍ଥ୍ୟ ଶିବିର, ଆଧାର ସେବା, ରାଜସ୍ୱ ଲକ୍ଷ୍ୟ, ବ୍ୟାଙ୍କ ସହାୟତା, ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତି କରଣ, ଉଦ୍ୟାନ କୃଷି, ଆସ ସ୍କୁଲ ଯିବା, ଆୟୁଷ୍ମାନ ଆରୋଗ୍ୟ ଶିବିର, ପ୍ରାଣୀ ସମ୍ପଦ ସେବା ଆଦି ପଲ୍ଲୀରେ ପ୍ରଶାସନ ସେବା ଷ୍ଟଲ ଗୁଡ଼ିକୁ ବୁଲି ଦେଖି ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ଯୋଜନାର ହିତାଧିକାରୀ ମାନଙ୍କୁ ଭତା କାର୍ଡ ଓ ଟ୍ରାଇ ସାଇକେଲ ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବି.ଡି.ଓ ପୁନମ ମହାପାତ୍ର, ତହସିଲଦାର କାହ୍ନୁ ଚରଣ ଘଡ଼ାଇ, ଡେପୁଟୀ କଲେକ୍ଟର ଶ୍ରୀତପା ମିଶ୍ର, ସହକାରୀ ଜିଲ୍ଲାପାଳ ଭୁବନେଶ୍ୱରୀ କଅଁର, କୃଷ୍ଣ କୁମାର ଜେନା, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ରବି ନାରାୟଣ ସେନାପତି, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ସୋନାମିକା ରାୟ, ଅଧିକ୍ଷଣ ଯନ୍ତ୍ରୀ, ପୂର୍ତ୍ତ, ଶିବଲାଲ ସାହୁ, ଅଧିକ୍ଷଣ ଯନ୍ତ୍ରୀ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ଶ୍ରୀମତୀ ରଶ୍ମିତା ଦାସ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ ହୀଆଲ୍, ଜିଲ୍ଲା ଦକ୍ଷତା ବିକାଶ ଏବଂ କର୍ମ ନିଯୋଜନ ଅଧିକାରୀ ଶ୍ରୀ ସୁବାସ ଚନ୍ଦ୍ର ବେହେରା, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ଶ୍ରୀ ଜ୍ଞାନେନ୍ଦ୍ରିୟ ମିଶ୍ର, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ମୀରା ବେହେରା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ, ଉପନିବନ୍ଧ, ସମବାୟ ସମିତି, ଅଳକାନନ୍ଦ ଜେନା ପ୍ରମୁଖ ସହଯୋଗ କରିଥିଲେ । ପରେ ମାନ୍ୟବର ମନ୍ତ୍ରୀ ହରିଚନ୍ଦନ ହରିପୁର ଗ୍ରାମ ପଂଚାୟତ କଲ୍ୟାଣ ମଣ୍ଡପ ଶୁଭ ଉଦ୍ଘାଟନ କରି ପଂଚାୟତ ବାସୀଙ୍କୁ ଉତ୍ସର୍ଗ କରିଥିଲେ ।

# ଭ୍ରାମ୍ୟମାଣ ଚାରା ବିତରଣ ଯାନର ଶୁଭାରମ୍ଭ

ଝରିଗାଁ, ୦୮/୦୯ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ସଦର ମହକୁମା ସ୍ଥିତ ବନାଂଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ଠାରୁ ଆଜି ଭ୍ରାମ୍ୟମାଣ ଚାରା ବିତରଣ ଯାନର ଶୁଭାରମ୍ଭ ହୋଇଯାଇଛି ।ଏହି ଶୁଭ ମୁହୂର୍ତ୍ତରେ ଝରିଗାଁ ବିଧାୟକ ନରସିଂ ଭତରା, ସାଂସଦ ପ୍ରତିନିଧି ଚନ୍ଦ୍ରଭାନୁ ନାୟକ, ବିଜେପିର ବରିଷ୍ଠ କର୍ମୀ ଗିରି ପାଣ୍ଡେ, ପ୍ରଫୁଲ୍ଲ ପ୍ରଧାନୀଙ୍କ ସମେତ ଅନେକ ବିଜେପି କର୍ମୀ ଓ କର୍ମକର୍ତା ଉପସ୍ଥିତ ରହିଥିବା ବେଳେ ବନ ବିଭାଗ କର୍ମଚାରୀ ମାନଙ୍କ ମଧ୍ୟରେ ଝରିଗାଁ ବନାଂଚଳ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ନାୟକ, ଏ କେ ସାହୁ,ଫୋରେଷ୍ଟ ଗାର୍ଡ ଜି ପି ମହାନ୍ତି, ଫରେଷ୍ଟ ଗାର୍ଡ ରାଜା ମଣ୍ଡଳ, ଫରେଷ୍ଟ ଗାର୍ଡ କୃଷ୍ଣ ବିଷୋୟୀ, ଏ ଯେ ୱାଇ ଷ୍ଟାଫ ଓ ପାରାଗାର୍ଡ ଷ୍ଟାଫ ସବୁ ଉପସ୍ଥିତ ରହିଥିଲେ । ପ୍ରକାଶ ଥାଇକି, ଆମ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜ ୭୪ତମ ଜନ୍ମଦିନ ଉପଲକ୍ଷେ ଓଡ଼ିଶାରେ ୧୭ଲକ୍ଷ ଚାରା ରୋପଣ ପାଇଁ



ସଂକଳ୍ପ ନେଇଥିବା ବେଳେ ଦେଶର ପ୍ରତି ଜିଲ୍ଲା, ବ୍ଲକ ଓ ପଂଚାୟତରେ ଚାରା ରୋପଣ ପାଇଁ ନିର୍ଦ୍ଦେଶ କରିଛନ୍ତି । ଏହି ପରିପ୍ରେକ୍ଷୀରେ ନବରଙ୍ଗପୁର ଜିଲ୍ଲାର ଝରିଗାଁ ବ୍ଲକ ସଦର ମହକୁମା ସ୍ଥିତ ବନ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଭ୍ରାମ୍ୟମାଣ ଚାରା ବିତରଣ ଯାନର ଶୁଭାରମ୍ଭ ହୋଇଯାଇଛି । ଏହି ଯାନ ବ୍ଲକର ପ୍ରତ୍ୟେକ ପଂଚାୟତ ବୁଲି ଚାରା ବିତରଣ କରିବା ନେଇ ସୂଚନା ମିଳିଛି । ଏଠାରେ ସୂଚେଇ ଦେବାକୁ ଚାହୁଁକି, ଝରିଗାଁ ଓ ଚନ୍ଦାହାଣ୍ଡି ବ୍ଲକ ମିଶି ୨୨୧୦୦ ଚାରା ରୋପଣ ହେବାକୁ ଥିବା ବେଳେ ପ୍ରତ୍ୟେକ ପଂଚାୟତରେ ୫୦୦ଶହ ଚାରା ଯୋଗେଇ ଦେବାର ନିର୍ଦ୍ଦେଶ ରହିଛି ।

# ଫୁଲଟା ଗଣେଷ ବିସର୍ଜନରେ ଡିଜେ ଘମାଘୋଟ, ବଜରଙ୍ଗୀ ଡିଜେ ଜବତ୍

କୁକୁଡାଖଣ୍ଡି, ୦୮/୦୯ (ଆ.ପ୍ର) : ଗତ ଦୁଇ ଦିନ ପୂର୍ବେ ବ୍ରହ୍ମପୁର ଉପକଣ୍ଠ ନିମଖଣ୍ଡି ଥାନା ଅନ୍ତର୍ଗତ ଫୁଲଟା ଗ୍ରାମରେ ଗଣେଷ ପୂଜା ବିସର୍ଜନ ସମୟରେ ଦୁଇ ଗୋଷ୍ଠୀ ମଧ୍ୟରେ ଭୟାବହ ଡିଜେ ଘମାଘୋଟ ଲଢେଇ ହେଇଥିଲା । ଏହି ଘଟଣାକୁ ନେଇ ଓଡ଼ିଶା ସାରା ଚର୍ଚ୍ଚାର ବିଷୟ ପାଲଟିଥିଲା । ମିଳିଥିବା ସୂଚନା ଅନୁସାରେ, ପୂଜା ବିସର୍ଜନ ବେଳେ ଦୁଇ ପକ୍ଷର ଡିଜେ ଗାଡ଼ି ଶକ୍ତି ପରୀକ୍ଷା କରୁଥିଲେ । ପରସ୍ପରକୁ ଧକ୍କା




ଦେଇ ଭୟାବହ ପ୍ରତିଯୋଗିତା ଚାଲିଥିଲା । ସେହି ସମୟରେ ଅଂଚଳରେ ତିବ୍ର ଉତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା । ଘଟଣାକୁ ନେଇ ଦୁଇପକ୍ଷୀୟ ମଧ୍ୟରେ ବାଦବିବାଦ ଓ ଅନିୟନ୍ତ୍ରିତ ଆକ୍ରୋଶ ପ୍ରକାଶ ପାଇଥିଲା । ଅଧିକାଂଶ ସ୍ଥାନୀୟ ଲୋକେ ପୂଜା ପାଳନରେ ମନୋନିବେଶ କରିଥିବା ବେଳେ, ଡିଜେ ଘମାଘୋଟ ଦୃଶ୍ୟ ଅଶାନ୍ତିର କାରଣ ହୋଇଥିଲା । ପୁଲିସ ସୂତ୍ରରୁ ଜଣାପଡ଼ିଛି ଯେ, ଅବୈଧ ଭାବରେ ଶକ୍ତିଶାଳୀ ସାଉଣ୍ଡ ସିଷ୍ଟମ୍ ବ୍ୟବହାର କରିଥିଲେ । ଦୁଇ ଡିଜେ ।ଘଟଣା ପରେ ପ୍ରଶାସନ ଗୁରୁତ୍ୱ ସହକାରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବାଧ୍ୟ ହେଇଛନ୍ତି । ସୋମବାର ଦିନ ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କୁକୁଡ଼ାଖଣ୍ଡି ତହସିଲଦାର ରାଜକିଶୋର ପଟ୍ଟନାୟକ ଓ ସଦର ପୋଲିସ ଉପସ୍ଥିତିରେ ବାଲିପଡ଼ା ଗ୍ରାମରେ ଥିବା 'ବଜରଙ୍ଗୀ ଡିଜେ'କୁ ଜବତ୍ କରାଯାଇଛି । ଡିଜେ ସେଟ୍ ସହ ଗୃହକୁ ମଧ ସିଲ୍ କରିଦିଆଯାଇଛି । ଅଂଚଳବାସୀଙ୍କ କହିବା ଅନୁସାରେ, ପ୍ରତିବର୍ଷ ପୂଜା ବିସର୍ଜନ ବେଳେ ଏପରି ଡିଜେ ର ପ୍ରତିଯୋଗିତା ଓ ଘମାଘୋଟ ହେଉଛି । ଏଥିପାଇଁ ସାମାଜିକ ସୁଖ-ଶାନ୍ତି ବାଧାଗ୍ରସ୍ତ ହେଉଛି । ପ୍ରଶାସନଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହେବାକୁ ଅଂଚଳରେ ସ୍ୱାଗତ କରାଯାଇଛି ।ପୋଲିସ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ବିନା ଅନୁମତିରେ ଡିଜେ ବଜେଇବା, ସାଉଣ୍ଡ ନିୟମ ଉଲ୍ଲଂଘନ କରିବା ଉପରେ କଡା ପଦକ୍ଷେପ ଗ୍ରହଣ କରାଯିବ ।

# ମୌଳିକ ସମସ୍ୟା ନେଇ ବିଡିଓ ଙ୍କୁ ଭେଟିଲେ ମାଲିକାପଡ଼ି ପଂଚାୟତ ଯୁବ ଗୋଷ୍ଠୀ

ଜି.ଉଦୟଗିରି, ୦୮/୦୯ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ ମାଲିକାପଡ଼ି ପଂଚାୟତର ଯୁବ ଗୋଷ୍ଠୀ ଏକତ୍ରିତ ହୋଇ ସୋମବାର ସରପଂଚଙ୍କ କାର୍ଯ୍ୟାଳୟକୁ ପହଂଚି ପଂଚାୟତରେ ଦୀର୍ଘଦିନ ଧରି ଅବହେଳିତ ଅବସ୍ଥାରେ ଥିବା ଉନ୍ନତିକରଣ କାମ ଓ ମୌଳିକ ସମସ୍ୟା ଗୁଡ଼ିକ ଉପରେ ସରପଂଚଙ୍କ ନିକଟରେ ସ୍ୱର ଉଠାଇଥିଲେ । ଏହି ସମସ୍ୟା ନେଇ ସରପଂଚ ସ୍ଥାନୀୟ ଅଧିକାରୀ ମାନଙ୍କୁ ଅବଗତ କରାଇଥିଲେ ମଧ୍ୟ କୌଣସି କାମ ହେଉନାହିଁ ବୋଲି କହିଥିଲେ । ଯୁବକ ମାନଙ୍କ ସହ ସରପଂଚ ଝରଣା ପ୍ରଧାନ, ନାଏବ ସରପଂଚ ଚନ୍ଦ୍ରକାନ୍ତ ପ୍ରଧାନ ନିଜ ଅଂଚଳର ମୌଳିକ ସମସ୍ୟା ନେଇ ସ୍ଥାନୀୟ ବିଡିଓ ଶରତ ଚନ୍ଦ୍ର ମଲ୍ଲିକଙ୍କୁ ଭେଟି ଏକ ଲିଖିତ ଦାବି ପତ୍ର ଦେଇଥିଲେ । ସେଥି ମଧ୍ୟରୁ ପ୍ରମୁଖ ଦାବି ଗୁଡ଼ିକ ହେଲା ବହୁ ଦିନ ହେଲା ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଥିବା ମୁଖ୍ୟ ସଡ଼କ ଯାହା ଦୁଇଟି ପଂଚାୟତକୁ ସହର ସହ ସଂଯୋଗ କରୁଥିବା ଜି.ଉଦୟଗିରି ଇଲେକ୍ଟ୍ରି ଅଫିସ ଛକ ଠାରୁ ରାଇପଦା ପର୍ଯ୍ୟନ୍ତ ପକ୍କା ପିଚୁ ରାସ୍ତା ତିଆରି, ବାଡ଼େନାଜୁ ଛକ ଠାରୁ ଗୁଡ଼ିପଡ଼ି ଛକ ପର୍ଯ୍ୟନ୍ତ ପକ୍କା ପିଚୁ ରାସ୍ତା ତିଆରି,



ପଂଚାୟତରେ ସମସ୍ତ ଗାଁ କୁ ଗମନା ଗମନ ପାଇଁ ପକ୍କା ସଡ଼କ ନିର୍ମାଣ, ଖରାପ ହୋଇ ବନ୍ଦ ରହିଥିବା ଷ୍ଟ୍ରିଟ୍ ଲାଇଟ୍ ମରାମତି ସହ ଆବଶ୍ୟକ ସ୍ଥାନରେ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ, ବସୁଧା ଯୋଜନାରେ ପାନୀୟଜଳ ଯୋଗାଣ ହେଉଥିବା ଫଟା ପାଇପ୍ ଗୁଡ଼ିକର ମରାମତି ସହ ଦୀର୍ଘ ବର୍ଷ ଧରି ଅବହେଳିତ ଅବସ୍ଥାରେ ଥିବା ପଂଚାୟତର ବିଭିନ୍ନ ସମସ୍ୟା ଗୁଡ଼ିକର ସମାଧାନ କରିବା । ଉକ୍ତ ସମସ୍ୟା ବାବଦରେ ଶୁଣିବା ପରେ ମୁଖ୍ୟ ସଡ଼କ ର ମରାମତି ନୁହଁ, ବର୍ଷା ପରେ ନୂଆ ରାସ୍ତା ନିର୍ମାଣ ଆରମ୍ଭ ହେବ, ପାଇପ ଲିକେଜ୍ ସମସ୍ୟା ୧୦ ସେପଟ୍ଟେମ୍ବର ମଧ୍ୟରେ ସମାଧାନ କରାଯିବ, ଷ୍ଟ୍ରିଟ୍ ଲାଇଟ ମରାମତି ଓ ନୂଆ ସ୍ଥାପନ କାମ ଶୀଘ୍ର ଆରମ୍ଭ ହେବ ବୋଲି ବିଡିଓ ପ୍ରତିଶୃତି ଦେଇଥିବା କହିଛନ୍ତି ସରପଂଚ । ପ୍ରତିଶୃତି ଅନୁସାରେ ଯଥା ଶୀଘ୍ର ମୌଳିକ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ପନ୍ଥା ଗ୍ରହଣ କରାଯିବ ବୋଲି ସରପଂଚ ଝରଣା ପ୍ରଧାନ ଚେତାବନୀ ଦେଇଛନ୍ତି ।

# ବୋଡ଼େନ ବ୍ଲକରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ନୂଆପଡା, ୦୮/୦୯ (ଆ.ପ୍ର) : ନୂଆପଡା ଜିଲ୍ଲା, ବୋଡ଼େନ ବ୍ଲକରେ ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅମୃତପାଲ ସିଂଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ଓ ଏସ୍ ପି ଙ୍କ ସହ ବନଖଣ୍ଡ ଅଧିକାରୀ ଖରିଆର ଅଜିଜ ଖାନ୍, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ବନଖଣ୍ଡ ଅଧିକାରୀ କେନ୍ଦୁପତ୍ର ଏ ମାଧବୀ ଲତା, ଉପ ଜିଲ୍ଲାପାଳ ସୁର୍ମି ସୋରେନ୍, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଧନେଶ୍ୱର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ଆଜିର ଶିବିରରେ ୪୨ଗୋଟି ବ୍ୟକ୍ତିଗତ ଓ ୧୨ ଟି ଗୋଷ୍ଠିଗତ ଏଭଳି ମୋଟ ୫୪ ଗୋଟି ଅଭିଯୋଗର ଶୁଣାଣି ଜିଲ୍ଲାପାଳ କରିଥିଲେ । ଏହି ସବୁ ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ନେବା ପାଇଁ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ । ଶିବିରରେ ପ୍ରବାସୀ ଶ୍ରମିକରୁ ଫେରିଥିବା ଫୁଲ ସୁନାନୀଙ୍କୁ ଥଇଥାନ ପାଇଁ ଦଶ ହଜାର ଟଙ୍କା ରେଡ୍ କ୍ରସ୍ ପାଣ୍ଠିରୁ ସହାୟତା ପ୍ରଦାନ କରାଯାଇ ଥିଲା । ତାଙ୍କୁ ପ୍ରାଣୀ ସମ୍ପଦ, ଉଦ୍ୟାନ କୃଷି ଇତ୍ୟାଦି ବିଭିନ୍ନ ବିଭାଗରୁ ଆବଶ୍ୟକ ସହାୟତା ଯୋଗାଇଦେବା ପାଇଁ ଜିଲ୍ଲାପାଳ ଉପସ୍ଥିତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଭିନ୍ନକ୍ଷମ ନିତ୍ୟାନନ୍ଦ ରାଉତଙ୍କୁ




ଗୋଟିଏ ହୁଇଲ୍ ଚେୟାର ଏବଂ ପାଂଚ ହଜାର ଟଙ୍କାର ସହାୟତା ରେଡକ୍ରସ୍ ରୁ ଦିଆଗଲା । ବିଡ଼ିଓ ସୁଶାନ୍ତ କୁମାର ରଣା, ତହସିଲଦାର ଅନୁସୂୟା ବାଗଦେବୀ, ଡେପୁଟୀ କଲେକ୍ଟର ଶେଖ୍ ନସିମ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ସଭାରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ, ଲାଇନ୍ ବିଭାଗ ଅଧିକାରୀ ଓ ବ୍ଲକ ସ୍ତରୀୟ ଅଧିକାରୀ ଏବଂ କର୍ମଚାରୀ ଓ ବିଭିନ୍ନ ଗଣ ମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ । ଅଭିଯୋଗ ଶିବିର ଉପଲକ୍ଷେ ବ୍ଲକ୍ ରେ ଗୋଟିଏ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରା ଯାଇଥିଲା । ସେହିପରି ସ୍ଥାନୀୟ ଡାକ୍ତରଖାନାରେ ଗୋଟିଏ ରକ୍ତଦାନ ଶିବିର ଆୟୋଜନ କରାଯାଇ ଥିଲା । ଏହି ଅବସରରେ ପୋଲାସଦା ଗାଁରେ ଗୃହପାଳିତ ପଶୁ ପକ୍ଷୀ ମାନଙ୍କ ଚିକିତ୍ସା ପାଇଁ ପ୍ରାଣୀ ସମ୍ପଦ ବିଭାଗ ତରଫରୁ ପ୍ରାଣୀ ପାଇଁ ଦିନଟିଏ ନାମରେ ଗୋଟିଏ ଶିବିର ଆୟୋଜିତ ହୋଇଥିଲା

# ବ୍ରାଉନସୁଗାର ଜବତ:ବାଇକ ଓ ମୋବାଇଲ ସହ ଜଣେ ଗିରଫ

ଧାମନଗର, ୦୮/୦୯ (ଆ.ପ୍ର) : ଧାମନଗର ବ୍ଲକ ଓ ଏ ନ ଏ ସି ଅଂଚଳରେ ଅବକାରୀ ବିଭାଗ



ଏବଂ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ବେଆଇନ ବିଦେଶୀ ଓ ଦେଶୀ ମଦ ବିକ୍ରୀ ଦୋକାନ ଉପରେ ଚଢ଼ାଉ କରି ମଦ ଜବତ ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଉଛି । ସେହିପରି ସୋମବାର ୧୧ଟା ସମୟରେ ଧାମନଗର ଏନ ଏ ସି ଅଂଚଳ ହବିବନଗର ଗ୍ରାମର ସେକ ସଦାମ ହୋସେନ ନାମକ ଜଣେ ଯୁବକ ଭଦ୍ରକ ଆଡୁ ମଟର ସାଇକେଲରେ ଧାମନଗରକୁ ବ୍ରାଉନସୁଗାର ନେଇ ଆସୁଥିବା ବେଳେ ଏକ ବିଶେଷ ସୂତ୍ରରୁ ଖବର ପାଇ ଧାମନଗର ଥାନା ଏସଆଇ ରସ୍ମିତା ମଲ୍ଲିକ, ରାଜେଶ ସେଠୀ, ଏଏସଆଇ ପ୍ରତାପ ଚନ୍ଦ୍ର ରାଉତ ଓ ଅନ୍ୟ ପୋଲିସ ପଦ୍ମପୋଖରୀ ଛକ ନିକଟରେ ଚଢ଼ାଉ କରି ଘଟଣା ସ୍ଥଳରୁ ଅତିରିକ୍ତ ତହସିଲଦାର ସାଇ ସିଲୋନାଙ୍କ ଉପସ୍ଥିତରେ ୧୩ଗ୍ରାମ ବ୍ରାଉନସୁଗାର ସହ ମଟର ସାଇକେଲ ଏବଂ ମୋବାଇଲ ଫୋନ ଓ ନଗଦ ୧୨୫୦ ଟଙ୍କା ଜବତ ସହିତ ଜଣକୁ ଗିରଫ କରିଛନ୍ତି । ଏନେଇ ଧାମନଗର ଥାନାକେସ ନଂ ୩୩୨/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି ।ଏହି ଭଳି ଅସାମାଜିକ ବ୍ୟକ୍ତିଙ୍କ ଉପରେ ବାରମ୍ୱାର ଚଢ଼ାଉ କରିବା ପାଇଁ ସାଧାରଣରେ ଦାବି କରିଛନ୍ତି ।

# ଆନ୍ତର୍ଜାତିକ ସାକ୍ଷରତା ଦିବସ ପାଳନ

ଦଶପଲ୍ଲା ୦୮/୦୯(ଆ, ପ୍ର) ଆନ୍ତର୍ଜାତୀୟ ସାକ୍ଷରତା ଦିବସ ଅବସରରେ ପ୍ରକଳ୍ପ ଅଧିକାର ଦଶପଲ୍ଲା ତରଫରୁ ଦଶପଲ୍ଲା ବ୍ଲକ୍ ଅନ୍ତର୍ଗତ ତେଣ୍ଡାବାଡ଼ି ଗ୍ରାମ ପଂଚାୟତ ର ଲେମ୍ବୁଗୋଛା , ସିମିଳିସାହି ଗ୍ରାମ ପଂଚାୟତର ଗୋଡ଼ିବିଡ଼ା ଓ ଖମାରସାହି ଗ୍ରାମ ପଂଚାୟତର ପୁରୁଣା ଦଶପଲ୍ଲା ଇତ୍ୟାଦି ଗାଁରେ ପଂଚାୟତ ପ୍ରତିନିଧି,ଅଙ୍ଗନୱାଡ଼ି କର୍ମୀ,ଆଶା କର୍ମୀ, ସି.ଆର.ପି ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାଙ୍କ ଉପସ୍ଥିତିରେ ସ୍ଥାନୀୟ ଅଧିକାର ମିତ୍ରଙ୍କ ଅୟୋଜନ କ୍ରମେ ଆନ୍ତର୍ଜାତୀୟ ସାକ୍ଷରତା ଦିବସର ବୈଶିଷ୍ଟ୍ୟ ଓ ଏହାର ଆବଶ୍ୟକତା ତଥା ଗୁରୁତ୍ୱ ଓ ପୃଷ୍ଠଭୂମି ବିଷୟରେ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ସାକ୍ଷରତା – ନିରକ୍ଷର ବ୍ୟକ୍ତି ଓ ସାଧାରଣ ନାଗରିକଙ୍କୁ ସକ୍ଷମ ଓ ଶସକ୍ତ କରିବାରେ ସମର୍ଥ ହେଇଥାଏ । ସାମାଜିକ ଓ ସାମ୍ବିଧାନିକ ନ୍ୟାୟ ପାଇବାରେ ନିଜେ ସଚେତନ ହେଇଥାଏ । ଅଜ୍ଞତାରୁ ମୁକ୍ତି କରି ଜ୍ଞାନ ବିଜ୍ଞାନ ଦିଗରେ ଜାଗରଣ ଆଣିଥାଏ । କେବଳ ଲେଖିବା ଓ ପଢ଼ିବାରେ ସୀମିତ ନ ରହି ସମାଜକୁ ବୁଝିବାରେ ଓ ସାମ୍ବିଧାନିକ ବିଧି ବ୍ୟବସ୍ଥାକୁ ଅନୁଭବ କରିବା କ୍ଷେତ୍ରରେ ନୈତିକ ମନୋବଳକୁ ସୁଦୃଢ଼ କରିଥାଏ । ତେଣୁ ସାକ୍ଷରତା ପାଇଁ ପ୍ରତି ଟି ସ୍ତରରେ ଗୁରୁତ୍ୱ




ଦେବା ଆବଶ୍ୟକ ଅଟେ । ସମାଜକୁ ଜାଣିବା, ସରକାରୀ ଯୋଜନାକୁ ବୁଝିବା, ଏହାର ଉପକାରିତାକୁ ଅନୁଭବ କରିବା ପାଇଁ ସାକ୍ଷର ହେବା ଆବଶ୍ୟକ । ସାକ୍ଷରତା କେବଳ ମାମୁଲି ଅକ୍ଷର କିମ୍ବା ସାଧାରଣ ଦସ୍ତଖତ ଭିତରେ ସୀମିତ ନୁହେଁ । ସମାଜକୁ ପଢ଼ିବା, ସମସ୍ୟାକୁ ବୁଝିବା ଓ ନିଜ ସମସ୍ୟାକୁ ଉପସ୍ଥାପନା କରି ପାରିବାର ନୈତିକ ସାହସ ହେଉଛି ସକ୍ଷାରତା ଅନ୍ୟ ଏକ ପ୍ରମୁଖ ଦିଗ । ତେଣୁ ଏହାକୁ ଅଣ ଦେଖା କରିବା ଉଚିତ୍ ନୁହେଁ । ସୂଚନା ଯୋଗ୍ୟ ଯେ,ଟିପିସିଓଡ଼ିଏଲ ଓ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମହାଶକ୍ତି ଫାଉଣ୍ଡେସନର ମିଳିତ ଉଦ୍ୟମରେ ସାଧାରଣ ଗରିବ ବଂଚିତ ଲୋକମାନେ କିପରି ସରକାରୀ ଜନ ମଙ୍ଗଳ ଯୋଜନାକୁ ବୁଝିପାରିବେ ଓ ଏହାର ସୁଫଳ ପାଇବାରେ ସମର୍ଥ ହେଇ ପାରିବେ ସେଥିପାଇଁ ବିଗତ ଦେଢ଼ ବର୍ଷ ଧରି ଦଶପଲ୍ଲା ବ୍ଲକ୍ର ଦଶଟି ଆଦିବାସୀ ବହୁଳ ଅବହେଳିତ ଗ୍ରାମ ପଂଚାୟତରେ ପ୍ରକଳ୍ପ ଅଧିକାର ଦ୍ୱାରା ଏ ପ୍ରକାର ଜନ ସଚେତନତା କାର୍ଯ୍ୟକ୍ରମ ଗ୍ରାମ ଗୋଷ୍ଠୀଙ୍କ ସହଯୋଗର ନିରନ୍ତର କରାଯାଇ ଆସୁଅଛି ।

# ଯୋଗାଣ ବିଭାଗର ଏକ ଟିମ ଧାମନଗର ଗସ୍ତ

ଧାମନଗର, ୦୮/୦୯ (ଆ.ପ୍ର) : ରାଜ୍ୟ ଯୋଗାଣ ବିଭାଗ ନିର୍ଦ୍ଦେଶ କ୍ରମେ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ତଥା ଈଶ୍ୱର ଚନ୍ଦ୍ର ସ୍ୱାଇଁ ଏସ.ଏ.ଓ,ଏବଂ ତନ୍ୟ ବିଶ୍ୱାସ ଏ.ଏ.ଓ, ରାଉଷ୍ଟ କୁମାର ଏ.ଏ.ଓ, ପ୍ରମୁଖଙ୍କ ଧାମନଗର ଗସ୍ତ । ସୋମବାର ଧାମନଗର ବ୍ଲକ ଓ ଏନ ଏ ସି ଅଂଚଳରେ ଥିବା ଧାନ କିଣା ଏବଂ ଡିଲର ରିଟେଲର ସେଂଟର ପରିଦର୍ଶନ କରି ପୃଥକ ପୃଥକ ଭାବେ ବୁଲି ଅନୁଧ୍ୟାନ ସହ ତଦାରଖ କରିଛନ୍ତି । ପ୍ରଥମେ ଧାମନଗର ଏନ ଏ ସି ରେ ଏସ ଏଚ ଜି ମହିଳା ଗ୍ରୁପ ବଂଟନ କରୁଥିବା ଡିଲର ରିଟେଲର ସେଂଟରକୁ ଯାଇ ବିଭିନ୍ନ କାଗଜପତ୍ର ତଦନ୍ତ କରି ହିତାଧିକାରୀଙ୍କୁ ଉତମ ବ୍ୟବହାର ସହ ସୁଚାରୁରୂପେ ଖାଦ୍ୟ ସାମଗ୍ରୀ ବଂଟନ କରିବା ପାଇଁ



ପରାମର୍ଶ ଦେଇଥିଲେ । ପରେ ଧାମନଗର ବ୍ଲକ ଅନ୍ତର୍ଗତ ଧୁଷୁରୀ,ବମକୁରା ଆଦି ବିଭିନ୍ନ ଧାନ କିଣା ସେଂଟର ବୁଲି ତଦାରଖ କରିଥିବା ସହ ପଞ୍ଜିକରଣ କରିଥିବା ଚାଷୀଙ୍କ ଠାରୁ ସରକାରୀ ଧାର୍ଯ୍ୟ ମୂଲ୍ୟରେ କିଣିବା ପାଇଁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି । ଏହି ଗସ୍ତ ସମୟରେ ଧାମନଗର ବ୍ଲକ ଯୋଗାଣ ଅଧିକାରୀ ରସାନନ୍ଦ ସାହୁ ଓ ଅନ୍ୟ କର୍ମଚାରୀ ଗିରିଜା ପ୍ରସନ୍ନ ସାହୁ ଏବଂ ଏସ ଏଚ ଜି ଗ୍ରୁପର କର୍ମକର୍ତା ପ୍ରମୁଖ ଉପସ୍ଥିତ ଥିଲେ ।

# ଆର୍‌ସିସି ବିବେକାନନ୍ଦ ପକ୍ଷରୁ ରଶ୍ମିତା ସାହୁଙ୍କୁ ସମ୍ବର୍ଦ୍ଧନା

ଟାଙ୍ଗୀ ଚୌଦ୍ୱାର ୮/୯(ଆ ପ୍ର )ଶ୍ରୀ ନଗର ସ୍ଥିତ ଡ଼ାଲ୍ ହ୍ରଦରେ ଖେଲୋ ଇଣ୍ଡିଆ ଜଳ କ୍ରୀଡା ମହୋତ୍ସବ (କନୋଇଙ୍ଗ) ୨ ଟି ସ୍ୱର୍ଣ୍ଣ ପଦକ ରୋଇଙ୍ଗରେ ଜିତି ଆମ ରାଜ୍ୟ ତଥା ଦେଶକୁ ଗୌରବାନିତ କରିଛନ୍ତି । ସୁଶ୍ରୀ ରଶ୍ମିତା ସାହୁ ଙ୍କୁ ଜଗତପୁର ସାଇ ହଷ୍ଟେଲ ରେ ସମର୍ଦ୍ଧନା ଦିଆଯାଇଥିଲା । ଉକ୍ତ ସମ୍ବର୍ଦ୍ଧନା ରେ ଆର୍ ସି ସି ବିବେକାନନ୍ଦ ର ମୁଖ୍ୟ ଶ୍ରୀଯୁକ୍ତ ମାନସ କୁମାର ସାହୁ, ସହ ବରିଷ୍ଠ ଲେଖକ ତଥା ବିଶିଷ୍ଟ ଐତିହାସିକ ଡଃ ତ୍ରିଲୋଚନ ଖୁଁଟିଆ ଓ ବେତାର ଦୂରଦର୍ଶନ ଓ



ମଂଚର ଶ୍ରୀଯୁକ୍ତ ଅକ୍ଷୟ ନାୟକ ଉପସ୍ଥିତ ରହି କ୍ରୀଡ଼ାବିତ୍ ସୁଶ୍ରୀ ରଶ୍ମିତା ସାହୁଙ୍କୁ ତାଙ୍କ ପ୍ରତିଭା ପାଇଁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଈଶ୍ୱର ଙ୍କ ପାଖରେ କାମନା କରିଥିଲେ

ସେଇଠୁ ଆରମ୍ଭ
SEITHO ARAMBHA







# ଗାଳ୍ପିକ ବିଭୂତି ଭୂଷଣ ପ୍ରଧାନଙ୍କ ସାହିତ୍ୟ ସମ୍ଭାରକୁ ନେଇ ଆୟୋଜିତ ହେଲା କାର୍ଯ୍ୟକ୍ରମ 'ବିଭୂତି ବିଭବ'




ବାଲେଶ୍ୱର,୦୮/୦୯ (ଆ.ପ୍ର) : ସ୍ୱର୍ଗତ ବିଭୂତି ଭୂଷଣ ପ୍ରଧାନଙ୍କ ରଚନାରେ ଗ୍ରାମୀଣ ଜୀବନର ନିଛକତା ସହ ମନର ତୁଚ୍ଛତା ମଧ୍ୟ ଅତି ଯୋଗ୍ୟ ଭାବରେ ବର୍ଣ୍ଣିତ ହୋଇଥାଏ । ତାଙ୍କର ରଚନାର ପ୍ରତ୍ୟେକ ବାକ୍ୟ ଉଭୟ ହସେଇ, କନ୍ଦେଇ ଓ ଭିଜେଇ ଦେଇପାରେ । ସେ ହେଉଛନ୍ତି ଆମେ ଛାଡ଼ି ଆସିଥିବା ସ୍ମୃତିର ଚିତ୍ରକର । କୁହାଯାଏ ଲେଖକଟିଏ ଥରେ ଚାଲିଗଲେ ତାଙ୍କ ବିଷୟରେ ପ୍ରାୟ ଆଉକେହି କେଉଁଠି ପ୍ରାୟ ଆଲୋଚନା କରନ୍ତି ନାହିଁ । କିନ୍ତୁ କିଛି ବ୍ୟତିକ୍ରମ ଲେଖକଙ୍କ ମଧ୍ୟରୁ ବିଭୂତି ଭୂଷଣ ପ୍ରଧାନ ଏମିତି ଜଣେ କଥାକାର ଯିଏ ଏହି ଧରାପୃଷ୍ଠରୁ ବିଦାୟ ନେଇ ଚାଲିଯିବା ପରେ ବି ତାଙ୍କୁ ଏଯାଏଁ ପାଠକମାନେ ଝୁରି ହୁଅନ୍ତି । ତେବେ ତାଙ୍କ ସ୍ମୃତିକୁ ମନେପକାଇ 'ମାଟିଖଡ଼ି' ଓ 'ଓଡ଼ିଶା ସାହିତ୍ୟ ଏକାଡେମି'ର ମିଳିତ ଆନୁକୁଲ୍ୟରେ ଗତକାଲି ଆୟୋଜିତ ହୋଇଯାଇଛି 'ବିଭୂତି ବିଭବ' । ରେଡକ୍ରସ ଭବନରେ ବିଭୂତି ଭୂଷଣ ସାହିତ୍ୟ ସମ୍ଭାରକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ କଥାକାର ଗୌରହରି ଦାସ, ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ହରିହର ଶୁକ୍ଳ ଓ ସାହିତ୍ୟ ଏକାଡେମିର ସଚିବ ଚନ୍ଦ୍ରଶେଖର ହୋତା ଯୋଗ ଦେଇଥିଲେ । ସ୍ୱର୍ଗତ ପ୍ରଧାନଙ୍କୁ ମନେପକାଇ ବିଶିଷ୍ଟ କଥାକାର ଗୌରହରି ଦାସ ଓ ସାହିତ୍ୟିକ ହରିହର ଶୁକ୍ଳ ଗାଳ୍ପିକ ସ୍ୱର୍ଗତ ପ୍ରଧାନଙ୍କ ରଚନାବଳୀଗୁଡ଼ିକର ବିସ୍ତୃତ ଆଲୋଚନା କରିଥିଲେ । ସେହିପରି ଓଡ଼ିଶା ସାହିତ୍ୟ ଏକାଡେମିର ସଚିବ ଚନ୍ଦ୍ରଶେଖର ହୋତା ବିଭୂତି ପ୍ରଧାନଙ୍କୁ ମନେପକାଇ ତାଙ୍କ ରଚନାର କିଛି ଚମତ୍କାର ପଂକ୍ତି ଉଦ୍ଧୃତ କରିଥିଲେ । ଏହି ଅବସରରେ ଚିତ୍ରଶିଳ୍ପୀ ଜିତେନ୍ଦ୍ର କୁମାର ଭଞ୍ଜ ଚିତ୍ରକଳା ମାଧ୍ୟମରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମରେ ଦେବବ୍ରତ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅବିନାଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଗାଳ୍ପିକଙ୍କ ପତ୍ନୀ ପ୍ରେମଲତା ରାଉତ, ଝିଅ ପ୍ରୀତିପ୍ରଜ୍ଞା ପ୍ରଧାନ ଓ ଇପ୍ସିତା ପ୍ରଧାନଙ୍କ ସମେତ ବହୁ ବିଭୂତି ପ୍ରେମୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ଶ୍ରୀରାମପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୀଘ୍ର ଡାକ୍ତର ଓ ଫାର୍ମାସିଷ୍ଟ ପଦବୀ ପୂରଣ ପାଇଁ ଦାବୀପତ୍ର

ଖପରାପଦା,୦୮/୦୯ (ଆ.ପ୍ର) : ବାଲିଆପାଳ ବ୍ଲକ ଶ୍ରୀରାମପୁର ଗ୍ରାମରେ ଅବସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ନିଉ )ରେ ତୁରନ୍ତ ଡାକ୍ତର ଓ ଫାର୍ମାସିଷ୍ଟ ପଦବୀ ପୂରଣ ପାଇଁ ସୋମବାର ବାଲିଆପାଳ ବ୍ଲକରେ ଅନୁଷ୍ଠିତ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ବାଲେଶ୍ୱରଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଶ୍ରୀରାମପୁର ଗ୍ରାମବାସୀଙ୍କ ପକ୍ଷରୁ ଦାବୀପତ୍ର ପ୍ରଦାନ କରାଯାଇଛି । ସୂଚନା ଥାଉକି, ଶ୍ରୀରାମପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ନିଉ )ରେ ଦୀର୍ଘ ଦିନ ଧରି ଡାକ୍ତର ଓ ଫାର୍ମାସିଷ୍ଟ ପଦବୀ ଖାଲି ପଡିଛି । ଫଳରେ ଶ୍ରୀରାମପୁର ପଂଚାୟତ ସମେତ ଚାରୋଟି ପଂଚାୟତର ଅଧିବାସୀ ମାନେ ନାହିଁ ନଥିବା ଅସୁବିଧାର



ସମ୍ମୁଖୀନ ହେଉଛନ୍ତି । ବନ୍ୟା, ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ତଥା ବର୍ଷା ଋତୁରେ ହେଉଥିବା ବିଭିନ୍ନ ସଂକ୍ରାମକ ରୋଗରେ ଆକ୍ରାନ୍ତ ଜନ ସାଧାରଣ ପ୍ରାଥମିକ ସ୍ୱାସ୍ଥ୍ୟସେବାରୁ ବଂଚିତ ହୋଇ ଆସୁଛନ୍ତି । ତେବେ ଏ ନେଇ ଗ୍ରାମବାସୀମାନେ ପୂର୍ବରୁ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ମଧ୍ୟ ଡାକ୍ତର ଓ ଫାର୍ମାସିଷ୍ଟ ପଦବୀ ପୂରଣ ହେଉନାହିଁ ।

# ଆସିଲେନି ଜିଲ୍ଲାପାଳ ଅଭିଯୋଗକାରୀଙ୍କ ବଢୁଛି ଅସନ୍ତୋଷ ଅଭିଯୋଗ ୧୬୪, ସମାଧାନ ଶୂନ

ବାଲିଆପାଳ, ୦୮/୦୯ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ପରିସରରେ ସୋମବାର ପୂର୍ବାହ୍ନରେ ଜିଲ୍ଲାପାଳ ଓ ଆରକ୍ଷୀଙ୍କ ମିଳିତ ଜନ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଏସପି ପ୍ରତ୍ୟୁଷ ଦିବାକର, ମୁଖ୍ୟ ପ୍ରକଳ୍ପ ଉନ୍ନୟନ ଅଧିକାରୀ ସଞ୍ଜୟ ରାଉତ, ସିଡିଏମଓ ପ୍ରଭାତ କୁମାର ବେହେରା, ଉପଜିଲ୍ଲାପାଳ ଶିବ ମାଲାଭାୟା, ବସ୍ତା ଏସଡିପିଓ ମାନସ କୁମାର ଦେଓ, ବାଲିଆପାଳ ତହସିଲଦାର ଜ୍ୟୋସ୍ନା ରାଣୀ ନାୟକ, ବିଡିଓ ରାଧାରଞ୍ଜନ ଦାଶଙ୍କ ସମେତ ସମସ୍ତ ବିଭାଗର ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଅଭିଯୋଗ ଗୁଡ଼ିକୁ ଗ୍ରହଣ କରିଥିଲେ ଏବଂ ସମାଧାନର ପ୍ରତିଶୃତି ଦେଇଥିଲେ । ଏହି ଶିବିରରେ ମୋଟ ୧୬୧ ଟି ଅଭିଯୋଗ ଆସିଥିଲା । ମାତ୍ର ସମାଧାନ ଶୁନ, ପ୍ରତିଶ୍ରୁତି ଦେଇ ଚାଲିଗଲେ ଅଧିକାରୀ । ଶିବିରକୁ ପ୍ରଧାନମନ୍ତ୍ରୀ ଆବାସ, ହେଣ୍ଡିକେପ୍ଟ ସାର୍ଟିଫିକେଟର ବିଳମ୍ବ, ଭତା, ପାଣି ସମସ୍ୟା, ଡ୍ରେନେଜ ସମସ୍ୟା



ଉପରେ ଅଭିଯୋଗ ଆସିଥିଲା । ତେବେ ତିନି ମାସ ବ୍ୟବଧାନରେ ବାଲିଆପାଳରେ ଜନଶୁଣାଣୀ ହେଉଥିବା ବେଳେ ଦୁରଦୂରାନ୍ତରରୁ ବହୁ ଲୋକେ ଅନେକ ଆଶା, ସ୍ୱପ୍ନ ନେଇ ବ୍ଲକ କାର୍ଯ୍ୟାଳୟକୁ ଆସିଥିବା ବେଳେ, ଜନଶୁଣାଣୀରେ ଜିଲ୍ଲାପାଳ ଅନୁପସ୍ଥିତ ଥିବାରୁ ଅଭିଯୋଗ କାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା । ଶିବିରକୁ ଅନେକ ୮୦ ବର୍ଷରୁ ଉର୍ଦ୍ଧ୍ୱ ବିକଳାଙ୍ଗ, ବୃଦ୍ଧ, ବୃଦ୍ଧା ଭତା ସମସ୍ୟା ନେଇ ଆସିଥିଲେ । କିଛି ଦିନ ଧରି ସେମାନଙ୍କର ଭତା କାଟି ଦିଆଯାଇଛି, ହେଣ୍ଡିକେପଟ ସାର୍ଟିଫିକେଟରେ ତ୍ରୁଟି ଦର୍ଶାଯାଇଥିବା ବେଳେ ବ୍ଲକ କାର୍ଯ୍ୟାଳୟରେ ଭୀମଭୋଇ ଶିବିର ମାଧ୍ୟମରେ ସଂଶୋଧନ କରିଥିବା ଲୋକଙ୍କର ନଅ ମାସ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଅନଲାଇନ ସାର୍ଟିଫିକେଟ ଆସି ନାହିଁ । ବିଭାଗୀୟ ଅଧିକାରୀ ମାନଙ୍କର ଦୁର୍ବଳତା ପାଇଁ ଅନେକ ଲୋକେ ଭତା ପାଇବାରୁ ବଂଚିତ ହୋଇଥିବା ନେଇ ଅଭିଯୋଗ ହୋଇଛି । ତେବେ ବାଲିଆପାଳ ଜନଶୁଣାଣୀକୁ ଜିଲ୍ଲାପାଳ ନ ଆସିବା, ବିଭିନ୍ନ ଜିଲ୍ଲା ପଦାଧିକାରୀ ମାନେ ନ କହିବାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସୁଚନା ଅଧିକାର ସଂଘ ଅନୁଜ ମହାପାତ୍ର ସ୍ୱାଭିମାନ ମଂଚର ସଭାପତି ସତ୍ୟକାମ ମହାନ୍ତି, ସମାଜସେବୀ ରାଜକିଶୋର, ପାତ୍ର ରିଙ୍କୁ, ରଞ୍ଜନ ଦାଶ, ହରେକୃଷ୍ଣ ଜେନା ପ୍ରମୁଖ । ଉପରମହଲାରେ ଜନଶୁଣାଣୀ ହେଉଥିବାରୁ ଭୀମ କ୍ଷମ, ବୟସ୍କ ବ୍ୟକ୍ତି ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

# ଜାତୀୟ ଶିକ୍ଷାନୀତି ୨୦୨୦ : ଫକୀରମୋହନ ବିଶ୍ୱବିଦ୍ୟାଳୟରେ ପାଠ୍ୟକ୍ରମ ପୁନଃସଜ୍ଜୀକରଣ ଉପରେ ଅନୁଷ୍ଠିତ ହେଲା ଦିନିକିଆ କର୍ମଶାଳା



ବାଲେଶ୍ୱରନୀଳଗିରି, ୦୮/୦୯ (ଆ.ପ୍ର) : ଭାରତର ଶିକ୍ଷା ପରିଦୃଶ୍ୟକୁ ନୂତନ ଦିଗରେ ଆଗେଇ ନେବା ପାଇଁ ଜାତୀୟ ଶିକ୍ଷାନୀତି ୨୦୨୦ କେବଳ ଏକ ନୀତିନାମା ନୁହେଁ, ବରଂ ଆଗାମୀ ପିଢ଼ିକୁ ଦୃଢ଼ ଓ ସାମଗ୍ରିକ ଶିକ୍ଷା ଦେବାରେ ଏକ ପଥପ୍ରଦର୍ଶକ । ଏହି ପ୍ରସଙ୍ଗରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତର ଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ଦିନିକିଆ କର୍ମଶାଳାରେ, ଶିକ୍ଷକ-ଶିକ୍ଷା ପାଠ୍ୟକ୍ରମର ପୁନଃସଜ୍ଜୀକରଣ ଦିଗରେ ଏକ ପ୍ରାୟୋଗିକ ପଦକ୍ଷେପ ଭାବେ ଗ୍ରହଣ କରାଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନ ଓ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସଫଳ ଭାବରେ ଅନୁଷ୍ଠିତ ହୋଇପାରିଛି । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଯୋଗ ଦେଇଥିଲେ । ଏଥିସହିତ ସ୍ନାତକୋତର ଶିକ୍ଷା ବିଭାଗର ବିଭାଗ ମୁଖ୍ୟ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିଲେ । ମୁଖ୍ୟ ବକ୍ତା ଭାବରେ ଆଂଚଳିକ ଶିକ୍ଷା ସାଧନ କେନ୍ଦ୍ର, ଭୁବନେଶ୍ୱରର ଅଧ୍ୟକ୍ଷ ଏସସି ପଣ୍ଡା ଯୋଗ ଦେଇ ପାଠ୍ୟଖସଡ଼ା ପ୍ରସ୍ତୁତି ବିଷୟରେ ସୂଚନା ପ୍ରଦାନ କରିଥିଲେ । ପରେ ବକ୍ତା ଭାବରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଝାଡ଼ଖଣ୍ଡର ପ୍ରାଧ୍ୟାପକ ଓ ଡିନ୍, ପ୍ରଫେସର ତପନ କୁମାର ବସନ୍ତିଆ ଯୋଗଦେଇ ପାଠ୍ୟଖସଡ଼ା ପ୍ରସ୍ତୁତିର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ । ଉଦଘାଟନୀ ପର୍ବର ସମାପ୍ତିରେ ଶିକ୍ଷା ବିଭାଗର ସହକାରୀ ପ୍ରାଧ୍ୟାପକ ଡ. ରଞ୍ଜନ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଥମ ଅଧିବେଶନରେ ପ୍ରଫେସର ଏସସ. ପଣ୍ଡା ନୂତନ ଶିକ୍ଷା ନୀତି ୨୦୨୦ ପାଇଁ ଶିକ୍ଷଣ ଶିକ୍ଷା ପାଠ୍ୟକ୍ରମର ପୁନଃସଜ୍ଜୀକରଣ ବିଷୟରେ ସବିଶେଷ ଆଲୋଚନା କରିଥିଲେ । ଦ୍ୱିତୀୟ ଅଧିବେଶନରେ ପ୍ରଫେସର ବସନ୍ତିଆ ମଧ୍ୟ ପାଠ୍ୟଖସଡ଼ା ପ୍ରସ୍ତୁତି ଓ ତାହାର ଦିଗ ବିଷୟରେ ଆଲୋକପାତ କରିଥିଲେ । ଏହି କର୍ମଶାଳାରେ ଛାତ୍ରଛାତ୍ରୀମାନଙ୍କ ବୟସ ଓ ସ୍ତର ଅନୁସାରେ ପାଠ୍ୟଖସଡ଼ା ପ୍ରସ୍ତୁତିର ଆବଶ୍ୟକତା ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା । ଜାତୀୟ ଶିକ୍ଷାନୀତି ୨୦୨୦ ଅନୁସାରେ ପାଠ୍ୟଖସଡ଼ାର ପୁନଃସଜ୍ଜୀକରଣ କିପରି ଶିକ୍ଷାର ମାନ ବୃଦ୍ଧି କରିପାରିବ ସେ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ସମନ୍ୱିତ ବିଏଡ୍ -ଏମ୍ଏଡ୍ ତୃତୀୟ ବର୍ଷର ଛାତ୍ରୀ ସାଧନା କୁଣ୍ଡୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅବକାରୀ ବିଭାଗର ଚଢ଼ାଉ ମଦ ସହିତ ୪ ଗିରଫ



ଭୋଗରାଇ,୦୮/୦୯ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ଅବକାରୀ ବିଭାଗର ଇନ୍ସପେକ୍ଟର ହରିଶ ଚନ୍ଦ୍ର ସିଂଙ୍କ ନିର୍ଦ୍ଦେଶ କ୍ରମେ ଭୋଗରାଇ ଅବକାରୀ ଥାନା ପକ୍ଷରୁ ଚଢାଉ କରାଯାଇ ୯୦ ଲିଟର ଦେଶୀ ମହୁଲି ଚୋରା ମଦ ସହିତ ୪ ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରିଛି । ଭୋଗରାଇ ବ୍ଲକ ଅନ୍ତର୍ଗତ ବାଟଗ୍ରାମର ଶିବାନୀ ବିନ୍ଧାଣି ପାଖରୁ ୧୪ ଲିଟର, ରାମଚନ୍ଦ୍ରପୁର ଗ୍ରାମର ସପନ ସିଂ ପାଖରୁ ୨୧ ଲିଟର, କମର୍ଦ୍ଦା ଗ୍ରାମର ଗଣେଶ ମାରାଣ୍ଡି ପାଖରୁ ୩୦ ଲିଟର ଓ କାନପୁର ଗ୍ରାମର ସେହିବାନୀ ପୃଷ୍ଟି ପାଖରୁ ୨୫ ଲିଟର ମଦ ଜବତ କରିଛି ଅବକାରୀ ବିଭାଗ । ଏନେଇ ଭୋଗରାଇ ଅବକାରୀ ଥାନା କେସ ନଂ ୧୦୧/୨୫-୨୬, ୧୦୨/୨୫-୨୬, ୧୦୩/୨୫-୨୬ ଓ ୧୦୪/୨୫-୨୬ ରେ ମାମଲା ରୁଜୁ ହୋଇଛି । ଏହି ଚଢ଼ାଉରେ ଭୋଗରାଇ ଅବକାରୀ ଥାନା ଓଆଇସି ସୁନୀଲ ମାଝୀ, ଏଏସଆଇ ଦିଲ୍ଲୀପ ତ୍ରିପାଠୀ, କନଷ୍ଟେବଳ ବ୍ରହ୍ମଜିତ ଦାସଙ୍କ ସହିତ ଅନ୍ୟମାନେ ସାମିଲ ଥିଲେ ।

# ଖଣ୍ଡପଡ଼ା ବ୍ଲକ ପରିସରରେ ମିଶନ ଶକ୍ତି ମହିଳାଙ୍କ ହୋ ହାଲ୍ଲା

ଖଣ୍ଡପଡ଼ା, ୦୮/୦୯ (ଆ.ପ୍ର) : ଗତ ୯ ମାସ ହେଲା ମିଶନ ଶକ୍ତିର ମହିଳା ମାନଙ୍କୁ ପ୍ରାପ୍ୟ ପ୍ରଦାନରେ ବ୍ଲକ ପ୍ରଶାସନର ଅବହେଳାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ମହିଳା ମାନେ । ତେଣୁ ସମସ୍ତ ମିଶନ ଶକ୍ତି ସଦସ୍ୟାଙ୍କୁ ତୁରନ୍ତ ବକେୟା ପ୍ରାପ୍ୟ ପ୍ରଦାନ ଦାବି ନେଇ ଖଣ୍ଡପଡ଼ା ବ୍ଲକ ଅଧିନ ବିଭିନ୍ନ ପଂଚାୟତରୁ ୩୦୦ରୁ ଉର୍ଦ୍ଧ କାର୍ଯ୍ୟରତ ମିଶନ ଶକ୍ତିର ସଦସ୍ୟାମାନେ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଉପସ୍ଥିତ ରହି ହୋ ହାଲ୍ଲା କରିଥିଲେ । ଏପରିକି



୫୦ ରୁ ଉର୍ଦ୍ଧ ମହିଳା ବ୍ଲକର ମୁଖ୍ୟ ଫାଟକକୁ ଅବରୋଧ କରି କିଛି ସମୟ ପାଇଁ ନାରାବାଜି କରିଥିବା ପରିଲକ୍ଷିତ ହୋଇଥିଲା । ମହିଳା ସଦସ୍ୟଙ୍କ ଏକ ପ୍ରତିନିଧିମଣ୍ଡଳୀ ଅଭିଯୋଗ ସଂପର୍କରେ ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷଙ୍କ ସହ ଆଲୋଚନା କରିବା ପରେ ପରିସ୍ଥିତି ଶାନ୍ତ ପଡିବା ସହ ଅପରାହ୍ନରେ ସମସ୍ତ ମହିଳା ଘରକୁ ଫେରିଥିବା ଜଣାପଡିଛି ।

# ଜିଲ୍ଲାସ୍ତରୀୟ ନବ ଭାରତ ସ୍ୱାକ୍ଷରତା ସଚେତନତା ସଭା - ଉଲ୍ଲାସ ଆୟୋଜିତ



ଜଗତସିଂହପୁର, ୦୮/୦୯ (ଆ.ପ୍ର) : ଜଗତସିଂହପୁର- ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁରଠାରେ ଜିଲ୍ଲା ସ୍ତରୀୟ ନବ ଭାରତ ସାକ୍ଷରତା ସଚେତନତା ସଭା – ଉଲ୍ଲାସ ଆୟୋଜିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପରେଶ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୪୦ ଜଣ ମାଧ୍ୟମିକ ଶିକ୍ଷକ, ୫୬ ଜନ ପ୍ରାଥମିକ ଶିକ୍ଷକ ଓ ଡାଏଟ, ଜଗସିଂହପୁର ୪ ଅଧ୍ୟାପକ ଅଂଶ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମର ଜିଲ୍ଲା ନୋଡାଲ ଅଧିକାରୀ ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସୁଶାନ୍ତ ମହାନ୍ତି ଉଲ୍ଲାସ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ଓ ଜିଲ୍ଲାରେ ଏହା କିପରି କାର୍ଯ୍ୟକାରୀ ହେବ ତାହା ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ କୁଜଙ୍ଗ ଓ ରଘୁନାଥପୁରର ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ବ୍ଲକ୍ ନୋଡାଲ ଅଧିକାରୀ ଭାବରେ ଯୋଗଦାନ କରିଥିଲେ ।

# ଦୁଇରୁ ଉର୍ଦ୍ଧ୍ୱ ଟଙ୍କାର ଗ୍ରାମର ବ୍ରାଉନ ସୁଗାର ଜବତ, ଦୁଇ ଗିରଫ



ଜଗତସିଂହପୁର, ୦୮/୦୯ (ଆ.ପ୍ର) : ତିର୍ତୋଲ - ତିର୍ତୋଲ ପୋଲିସକୁ ବଡ଼ ସଫଳତା । ଦୀର୍ଘ ଦିନଧରି ଧଳା ଜହର କାରବାର ରେ କାୟାବିସ୍ତାର କରିଥିବା ସଞ୍ଜୟ ଭୋଳ, ଅଭିଷେକ ସ୍ୱାଇଁ ଶେଷରେ ତିର୍ତୋଲ ପୋଲିସ କବ୍ଜାରେ ପଡିଛି । ଅନେକ ଦିନ ହେବ ତିର୍ତୋଲ ଏବଂ ରଘୁନାଥ ପୁରର ବିଭିନ୍ନ ସ୍ଥାନରେ ଯୁବପିଢ଼ିଙ୍କୁ ବ୍ରାଉନସୁଗାର ନିଶାରେ ଆପୟିତ କରି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଥିଲେମୁଖ୍ୟ ଆସାମୀ ସଞ୍ଜୟ ଭୋଳ ଏବଂ ତାର ସହଯୋଗୀ ଅଭିଷେକ ସ୍ୱାଇଁ । ଯାହାର ଖବର ତିର୍ତୋଲ ପାଖରେ ପହଂଚିବା ପରେ ତିର୍ତୋଲ ଏସଡିପିଓ ଚିନ୍ମୟ ରାଉତ ରାଜ୍ୟ ପୋଲିସ ପକ୍ଷରୁ ଧଳାଜହର ବ୍ୟବସାୟୀ ଙ୍କୁ ଧରିବା ପାଇଁ ଆରମ୍ଭ ହୋଇଥିବା ପ୍ରହାରକୁ ଆରମ୍ଭ କରି ଏକ ସ୍ୱତନ୍ତ୍ର ଟିମ କରାଯାଇ ବିଭିନ୍ନ ସ୍ଥାନରେ ଧଳାଜହର ବ୍ୟବସାୟୀଙ୍କୁ ଧରିବା ପାଇଁ ଜାଲ ବିଛାଇଥିବା ବେଳେ ଏହି ଦୃବୃତ ମାନେ କୌଣସି ପ୍ରକାର ଖବର ପାଇଁ ଏକାଧିକ ବାର ଘଟଣା ସ୍ଥଳରୁ ଚମ୍ପଟ ମାରୁଥିଲା । ତେବେ ଗତକାଲି ସଂରା ଅଂଚଳରେ ବ୍ରାଉନସୁଗାର ବ୍ୟବସାୟୀ କରିବା ପାଇଁ ଏକ ନିର୍ଦ୍ଧିଷ୍ଟ ସ୍ଥାନକୁ ଏହି ଦୁଇ ଆସାମୀ ଆସିଥିବା ସମୟରେ ତିର୍ତୋଲ ପୋଲିସ ବିଶେଷ ସୂତ୍ରରୁ ଖବର ପାଇଁ ଅଚାନକ ଚଢ଼ାଉ କରି ଦୁଇ ଆସାମୀ କାବୁ କରିଥିଲା । ପାଖରୁ ୨୧ ଗ୍ରାମର ବ୍ରାଉନ ସୁଗାରଯାହାର ଆନୁମାନିକ ମୂଲ୍ୟ ୨ ଲକ୍ଷ୍ୟରୁ ଉର୍ଦ୍ଧ ହେବ ଏହା ସହ ନଗଦ ଏଗାର ସହ ପଚାଶ ଟଙ୍କା, ଗୋଟିଏ ମୋବାଇଲ ଫୋନ ସହ ହୋଣ୍ଡା ଆକ୍ଟିଭା ସ୍କୁଟି ଜବତ କରିଥିଲା । ଆଜି ଡାକ୍ତର ମାଇନା ପରେ ଅଭିଯୁକ୍ତ ଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ନୂତନ ଗୋଷ୍ଠୀ ଶିକ୍ଷାଅଧିକାରୀ ସତ୍ୟରଞ୍ଜନ ଭୂୟାଁଙ୍କୁ ସମର୍ଦ୍ଧନା ଜଣାଇଲେ ନୀଳଗିରି ଶିକ୍ଷକସଂଘ

ନୀଳଗିରି, ୦୮/୦୯ (ଆ.ପ୍ର) : ବହୁଦିନ ଧରି ନୀଳଗିରି ବ୍ଲକ ସ୍ଥାୟୀ ଗୋଷ୍ଠୀଶିକ୍ଷାଧିକାରୀ ପଦବୀ ଫାଙ୍କା ପଡ଼ିଥିଲା । ଅସ୍ଥାୟୀଭାବେ ଏହି ଦାୟିତ୍ୱରେ କେ ସି ହାଇସ୍କୁଲର ପ୍ରଧାନଶିକ୍ଷକ ଭୀମସେନ ବିଶ୍ୱାଳ କାମଚଳା ବିଇଓ କାର୍ଯ୍ୟ ତୁଲାଇ ଆସୁଥିଲେ । ମାତ୍ର କିଛିଦିନ ପୂର୍ବରୁ ଶ୍ରୀ ବିଶ୍ୱାଳ ଅବସରଗ୍ରହଣ ପରେ ଉକ୍ତ ପଦବୀ ଫାଙ୍କା ପଡ଼ିଥିଲା । ଗତ ସେପ୍ଟେମ୍ବର ୩ତାରିଖ ବାଲେଶ୍ୱର ଟାଉନ ହାଇସ୍କୁଲର ପ୍ରଧାନଶିକ୍ଷକ ସତ୍ୟରଞ୍ଜନ ଭୂୟାଁ, ନୂତନ ବିଇଓ ଭାବେ ଯୋଗ ଦେଇଥିବାରୁ ଶିକ୍ଷକ/ ଶିକ୍ଷୟତ୍ରୀଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି । ବିଇଓଙ୍କ ଅନୁପସ୍ଥିତି ଯୋଗୁଁ ଶିକ୍ଷକ/ ଶିକ୍ଷୟତ୍ରୀ ତଥା ଛାତ୍ରଛାତ୍ରୀ ମାନେ ବିଭିନ୍ନ ସମୟରେ ଅସୁବିଧାରେ ସମ୍ମୁଖୀନ ହେଉଥିଲେ । ନୂତନ ବିଇଓ କାର୍ଯ୍ୟଭାର ନେବାପରେ ଆଜି



ନୀଳଗିରି ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଅଭୟ କୁମାର ଦାସ, ସଂପାଦକ ରମେନ୍ଦ୍ର କୁମାର ଜେନାଙ୍କ ନେତୃତ୍ୱରେ ବ୍ଲକର ପ୍ରତ୍ୟେକ ସ୍କୁଲର ପ୍ରଧାନଶିକ୍ଷକ/ଶିକ୍ଷୟତ୍ରୀମାନେ ବିଇଓଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ନୂତନ ବିଇଓ ସତ୍ୟରଞ୍ଜନ ଭୂୟାଁଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମର୍ଦ୍ଧନା ଜଣାଇଥିଲେ । ବିଇଓ ମଧ୍ୟ ଆଦିବାସୀ ଛାତ୍ର/ଛାତ୍ରୀ ମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ବିଶେଷ ଦୃଷ୍ଟିଦେବା ସହିତ ଛାତ୍ର/ଛାତ୍ରୀ ମାନଙ୍କୁ କିପରି ଉତମ ଶିକ୍ଷାଦେବା ସହିତ ସେମାନଙ୍କର ଉନ୍ନତି ଦିଗରେ ଯତ୍ନବାନ ହୋଇପାରିବେ, ସେଥିପାଇଁ ଉପସ୍ଥିତ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ । ପ୍ରାଥମିକ ଶିକ୍ଷକସଂଘର ଏହି ପ୍ରତିନିଧିମଣ୍ଡଳୀରେ ଶିକ୍ଷକ ଅଙ୍କୁର ମଢେଇ, ଅଜୟ ମଢେଇ, ପୂର୍ଣ୍ଣିମା ସିଂ, ବ୍ରହ୍ମାନନ୍ଦ ମୁର୍ମୁ, ଚନ୍ଦନ ନାୟକ ସମେତ ବହୁଶିକ୍ଷକ ଉପସ୍ଥିତ ଥିଲେ ।

# ବିଦ୍ୟା ବିକାଶରେ ଆଧ୍ୟାତ୍ମିକତାର ଉପଯୋଗିତା, ବିଦ୍ୟାଦାନର ଶ୍ରେଷ୍ଠ ମାର୍ଗ : ପଣ୍ଡିତ ପଦ୍ମନାଭ ତ୍ରିପାଠୀ

ନୀଳଗିରି, ୦୮/୦୯ (ଆ.ପ୍ର) : ନୀଳଗିରିର ଅଗ୍ରଣୀ ଘରୋଇ ଶିକ୍ଷାନଷ୍ଠାନ ଡିଭାଇନ ଟ୍ୟୁଟୋରିଆଲ ଶ୍ରେଣୀ କକ୍ଷ ସଭା ଗୃହ ପରିସରରେ ଏକ ଆଧ୍ୟାତ୍ମିକ ପାଠଚକ୍ର, ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ ତଥା ଅଧ୍ୟକ୍ଷ ସୁଶାନ୍ତ କୁମାର ମହାପାତ୍ର ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ପାଠଚକ୍ରର ଆଲୋଚ୍ୟ ବିଷୟ ଥିଲା – ' ବିଦ୍ୟା ବିକାଶରେ ଆଧ୍ୟାତ୍ମିକତାର ଉପଯୋଗୀତା' । ଏହି ସଭାରେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବରେ ପ୍ରାର୍ଥନା ଟିଭି ରେ ପ୍ରସାରିତ ହେଉଥିବା ବାଦିପାଲା ମଂଚର ସମୀକ୍ଷକ ପଣ୍ଡିତ ପଦ୍ମନାଭ ତ୍ରିପାଠୀ । ଅନ୍ୟ ମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ରତ୍ନାକର ଟାଉନ ହାଇ ସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପଣ୍ଡା ଓ ଅବସର ପ୍ରାପ୍ତ ଅଧକ୍ଷ ଶ୍ରୀକାନ୍ତ କୁମାର ଆଚାର୍ଯ୍ୟ ମହୋଦୟ ଉପସ୍ଥିତ ଥିଲେ । ସଂସ୍ଥାର ଅଧକ୍ଷ ସୁଶାନ୍ତ କୁମାର ମହାପାତ୍ର



ଉପସ୍ଥିତ ରହି, ଉକ୍ତ ସଭା କାର୍ଯ୍ୟକୁ ପରିଚାଳନା କରି ଥିଲେ । ପ୍ରାରମ୍ଭରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣ କମଳ ରେ ଜଗନ୍ନାଥାଷ୍ଟକଂ ଗାନ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଏହା ପରେ ସମ୍ମାନ ପୂର୍ବକ ମୁଖ୍ୟ ଅତିଥିଙ୍କୁ ପୁଷ୍ପ ଗୁଚ୍ଛ ଓ ଉତରୀୟ ପ୍ରଦାନ କରାଯାଇ ଥିଲା । ଅତିଥି ମାନେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମୂର୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ କରି ଥିଲେ । ପରେ ପରେ ମୁଖ୍ୟ ଅତିଥି ନିଜର ବକ୍ତବ୍ୟରେ ବିଦ୍ୟା ବିକାଶରେ ଆଧ୍ୟାତ୍ମିକତାର ଉପଯୋଗୀତା ବିଷୟରେ ବିଶେଷ ବିବରଣୀ ପ୍ରଦାନ କରିଥିଲେ । କିପରି ପଂଚ କୋଷ ତଥା - ଆନନ୍ଦମୟ କୋଷ, ମନମୟ କୋଷ, ପ୍ରାଣମୟ କୋଷ, ବିଜ୍ଞାନ ମୟ କୋଷ, ଆନନ୍ଦ ମୟ କୋଷ ବିଷୟରେ ସେ ଛାତ୍ର ଛାତ୍ରୀ ମାନଙ୍କୁ ତନ୍ନ ତନ୍ନ କରି ବୁଝାଇ ଥିଲେ । ପ୍ରତ୍ୟେକ ଛାତ୍ର ଛାତ୍ରୀ ନିଜର ପଂଚ ଇନ୍ଦ୍ରୀୟ ସହିତ ପ୍ରମୁଖ 'ମନ'କୁ କିପରି ନିୟନ୍ତ୍ରିତ କରିପାରିବେ ତାର ଉପାୟ ମଧ୍ୟ ଜଣାଇଥିଲେ । ଏହି ଆଧୁନିକ ସମାଜରେ ବୃତି ଭିତିକ ଶିକ୍ଷାକୁ ଗୁରୁତ୍ୱ ଦେବା ସଙ୍ଗେ ସଙ୍ଗେ ଜୀବନ ଭିତିକ ମୂଲ୍ୟବୋଧ ଶିକ୍ଷାର ବିକାଶ କରି ଦୀର୍ଘାୟୁ ଜୀବନ ଅତିବାହିତ କରିପାରିବେ ତାହା ସେ ନିଜର ବକ୍ତବ୍ୟରେ କହିଥିଲେ । ବିଦ୍ୟା ଅର୍ଜନ କରିବାର ଅର୍ଥ - ଜ୍ଞାନ ଅର୍ଜନ କରିବା, ନିଜର ଇନ୍ଦ୍ରୀୟକୁ ଶାନ୍ତ ଏବଂ ଆୟତ କରି ରଖିବା । କିପରି ଉତମ ମାନବରେ ପରିଗଣିତ ହୋଇପାରିବା ତାହା ସେ ଅତି ସୁନ୍ଦର ଭାବରେ ଛାତ୍ର ଛାତ୍ରୀ ମାନଙ୍କୁ ଜଣାଇଥିଲେ । ଏହା ପରେ ସମ୍ମାନିତ ଅତିଥି ମାନେ ନିଜ ନିଜର ଅଭିଭାଷଣରେ ଉକ୍ତ କାର୍ଯ୍ୟକ୍ରମର ବିଷୟରେ ସମ୍ୟକ୍ ବିବରଣୀ ପ୍ରଦାନ କରିଥିଲେ । ଡିଭାଇନ ଚାରିଟେବୁଲ ଟ୍ରଷ୍ଟର ଏପରି ଏକ ନୂତନ ପ୍ରୟାସକୁ ନେଇ ସେ ଟ୍ରଷ୍ଟର ସମ୍ପାଦକଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ । ବିଦ୍ୟା ଅର୍ଜନ କେବଳ ଚାକିରି ଭିତିକ ନୁହଁ, ଏହା ନିଜସ୍ୱ ଜ୍ଞାନର ଅଭିବୃଦ୍ଧି ପାଇଁ କରିବା ଉଚିତ୍ ବୋଲି ଛାତ୍ର ଛାତ୍ରୀ ମାନେ ହୃଦୟଙ୍ଗମ କରି ଥିବା ଜଣାଯାଇଛି । ଶେଷରେ ଡିଭାଇନ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ସୁଶାନ୍ତ କୁମାର ମହାପାତ୍ର ସମସ୍ତ ଅତିଥି ମାନଙ୍କୁ କୃତଜ୍ଞତା ଜଣାଇବା ସହିତ ଧନ୍ୟବାଦ ଅର୍ପଣ କରି ସଭାସାଙ୍ଗ କରିଥିଲେ ।

ସେଇଠୁ ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୯ ସେପ୍ଟେମ୍ବର,୨୦୨୫ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ



# ସମ୍ପାଦକୀୟ...

## ସୃଷ୍ଟି

ଅନନ୍ତ କାଳରୁ ଆଜିଯାଏ ଏହି ସୃଷ୍ଟି ରହସ୍ୟ ବିଷୟରେ ଅନେକ ଅସମାହିତ ପ୍ରଶ୍ନ ମଣିଷ ଅନିସନ୍ଧିତ୍ସୁ ମନରେ ରହି ଆସିଛି । ଏହି ଅସମାହିତ ପ୍ରଶ୍ନର ସମାଧାନ ପାଇଁ ମନରୁ ଶଙ୍କା ଦୂରିଭୂତ ପାଇଁ ମଣିଷର ଅଦ୍ୟମ ଅଭିପଷା । ଯେତେ ଧ୍ୟାନ ଧାରଣା ଜପ, ତପ, ଅନୁସନ୍ଧାନ ଅନୁଶୀଳନ ସବୁ ଏଇଥିପାଇଁ । ଠିକ ଏଇକଥା ଦିନେ ଦେବର୍ଷି ନାରଦ ତାଙ୍କର ମହାମାନ୍ୟ ପିତା ଭଗବାନ ବ୍ରହ୍ମାଙ୍କୁ ପଚାରିଥିଲେ ଶ୍ରୀମଦ ଭାଗବତରେ ବର୍ଣ୍ଣନା ଅଛି ‘ଦେବ ଦେବ ନମସ୍ତେସ୍ତୁ ଭୂତଭାବନ ପୂର୍ବଜ । ତତ୍ ବିଜାନାହି ଯଜ୍ଜଜ୍ଞାନାସ ତତ୍ତ୍ୱ ନିଦର୍ଶନମ୍ । ।’ ଅର୍ଥାତ୍ ହେ ପିତୃଦେବ । ଯେଉଁ ଜ୍ଞାନ ଦ୍ୱାରା ଆତ୍ମତତ୍ତ୍ୱର ଦର୍ଶନ ମିଳିଥାଏ ଦୟାକରି ମୋତେ ସହି ଜ୍ଞାନ ପ୍ରଦାନ କରନ୍ତୁ । ସେ ଛଅ ଗୋଟି ଅତି ଗଭୀର ତଥା ମୌଳିକ ପ୍ରଶ୍ନ ପଚାରିଥିଲେ । ଏହି ସଂସାରର ସ୍ୱରୂପ କ’ଣ ? ଏହାର ଆଧାର କ’ଣ ? ଏହାକୁ କିଏ ନିର୍ମାଣ କରିଛନ୍ତି ? ଏହାର ପ୍ରଳୟ ବା ଅନ୍ତ କେଉଁଥିରେ ହୁଏ ? ଏହା କାହା ଅଧୀନରେ ରହିଛି ? ଏହି ବସ୍ତୁଟି ବାସ୍ତବରେ କ’ଣ ? ଏହାଛଡ଼ା ସେ ଆଉ ମଧ କିଛି ପ୍ରଶ୍ନ ପଚାରିଛନ୍ତି । ହେ ପିତା ! ଆପଣଙ୍କୁ ଏହି ଜ୍ଞାନ କେଉଁଠାରୁ ପ୍ରାପ୍ତ ହେଲା ? ଆପଣ କାହାକୁ ଆଧାରକରି ରହିଛନ୍ତି ? ଆପଣଙ୍କର ପ୍ରଭୁ ବା କର୍ତ୍ତା କିଏ ? ଏବଂ ଆପଣଙ୍କ ସ୍ୱରୂପ କ’ଣ ? ଶ୍ରୀମଦ ଭାଗବତ ମହାପୁରାଣରେ ଏହିସବୁ ତତ୍ତ୍ୱପୂର୍ଣ୍ଣ ପ୍ରଶ୍ନର ଉତ୍ତର ଦେଇ ବ୍ରହ୍ମଦେବ ଜଗତର ଅଶେଷ କଲ୍ୟାଣ ସାଧନ କରିଛନ୍ତି । ବ୍ରହ୍ମଦେବ କହିଲେ – ବତ୍ସ ନାରଦ ! ବାସ୍ତବରେ ଭଗବାନ ହେଉଛନ୍ତି ସର୍ବଶକ୍ତିମାନ । ଏହି ସୃଷ୍ଟି ଚରାଚର ସବୁକିଛି ତାଙ୍କରି ପ୍ରଭାବର ପରିପ୍ରକାଶ । ସୂର୍ଯ୍ୟ, ଚନ୍ଦ୍ର, ତାରା, ଗ୍ରହ, ନକ୍ଷତ୍ର, ଅଗ୍ନି ଆଦି ଯେପରି ଜଗତପତିଙ୍କ ଜ୍ୟୋତିରେ ଜ୍ୟୋତିଷ୍ମାନ ହୋଇ ଜଗତକୁ ଜ୍ୟୋତି ପ୍ରଦାନ କରୁଛନ୍ତି ମୁଁ ମଧ ସେହି ସ୍ୱୟଂ ପ୍ରଭୁଙ୍କ ଚିନ୍ମୟ ଜ୍ୟୋତିର ଜ୍ୟୋତିଷ୍ମାନ ହୋଇ ଜଗତର ସୃଷ୍ଟି କର୍ମ ନିର୍ବାହ କରୁଛି । ସେହି ବିଶ୍ୱପତି ବିଶ୍ୱଗୁରୁ ଭଗବାନ ବାସୁଦେବଙ୍କୁ ମୁଁ ନତ୍ୟ ବନ୍ଦନା କରୁଛି । ତାଙ୍କୁ ଧ୍ୟାନ କରୁଛି । ସମସ୍ତ ଜୀବ ଜଗତ, କାଳ, କର୍ମ, ସ୍ୱଭାବ, ଦୃଶ୍ୟ, ଅଦୃଶ୍ୟ ସବୁକିଛି ଈଶ୍ୱରଙ୍କ ଭିନ୍ନ ଅନ୍ୟ କିଛି ନୁହେଁ । ସକଳ ପୂଜାପାଠ, ଜପଧ୍ୟାନ, ତପସ୍ୟା ବେଦ ବେଦାନ୍ତ, ଉପନିଷଦ, ଶାସ୍ତ୍ର ପୁରାଣ, ପାରାୟଣ, ଯୋଗ ସାଧନା, ଜାଗଯଜ୍ଞର ଏକ ମାତ୍ର ଲକ୍ଷ୍ୟ ହେଉଛି ଈଶ୍ୱର ପ୍ରାପ୍ତି । ଈଶ୍ୱର ପ୍ରାପ୍ତିରେ ହିଁ ସକଳ ସାଧ ସାଧନାର ପରିପୂର୍ତ୍ତି । ସେହି ଦୃଶ୍ୟ ସେହି ଦ୍ରଷ୍ଟା ସେ ସମସ୍ତଙ୍କର ନିୟାମକ । ସେହିଁ ସମସ୍ତଙ୍କର ଆତ୍ମଚେତନା । ସେ ନିର୍ବିକାର ନିରଞ୍ଜନ ସର୍ବସ୍ୱରୂପ ସର୍ବମୟ ପରମ ପୁରୁଷ ପରମାତ୍ମା । ତାଙ୍କରି କୃପାରେ ତାଙ୍କ ଦ୍ୱାରା ପ୍ରେରିତ ହୋଇ ତାଙ୍କରି ଶକ୍ତିରେ ମୁଁ ଏହି ସୃଷ୍ଟି ସମ୍ଭାରର ସର୍ଜନା କରିଛି । ସୃଷ୍ଟି ସ୍ଥିତି ପ୍ରଳୟ ସବୁ ତାଙ୍କ କର୍ତ୍ତୃକ । ସେ ମାୟାତୀତ ମାୟାଧର । ନିଜ ମାୟାଦ୍ୱାରା ସେ ସୃଷ୍ଟି ସ୍ଥିତି ପ୍ରଳୟ ରଚନା ନିମନ୍ତେ ସତ୍ତ୍ୱ, ରଜ, ତମ ରୂପକ ତ୍ରିଗୁଣ ଧାରଣ କରିଛନ୍ତି । ତତ୍ୱତଃ ଜୀବାତ୍ମା, ପରମାତ୍ମାଙ୍କର ଅଂଶ ଏହା ସତ୍ୟ । ତଥାପି ସେ ଜୀବାତ୍ମା ଦ୍ରବ୍ୟ, ଜ୍ଞାନ ଓ କ୍ରିୟାର ଆଶ୍ରୟ ନେଇ କାର୍ଯ୍ୟ କାରଣ ଓ କର୍ତ୍ତା ପଣର ଅଭିମାନରେ ବାନ୍ଧି ହୋଇଯାଏ । ଇନ୍ଦ୍ରିୟାତୀତ ଈଶ୍ୱର ଏହି ତ୍ରିଗୁଣର ଆବରଣରେ ନିଜ ସ୍ୱରୂପକୁ ଆବୃତ କରିଦିଅନ୍ତି । ତେଣୁ ଲୋକେ ତାଙ୍କୁ ଚିହ୍ନିପାରନ୍ତି ନାହିଁ । ସେ ଖାଲି ମୋର ନୁହଁନ୍ତି ଏହି ସମଗ୍ର ସଂସାରର ସ୍ୱାମୀ । ତାଙ୍କ ଭିନ୍ନ ଅନ୍ୟ କିଛି ନାହିଁ । ସେ ଜଗତ ସ୍ୱାମୀ ଜଗନ୍ନାଥ । ବୈକାରିକ ବା ସାତ୍ତ୍ୱିକ ଅହଂକାରରୁ ମନ ଓ ଇନ୍ଦ୍ରିୟ ମାନଙ୍କର ଦଶଗୋଟି ଅଧିଷ୍ଠାତ ଦେବତା ଯଥା ଦିଗପାଳ, ବାୟୁ, ସୂର୍ଯ୍ୟ, ବରୁଣ, ଅଶ୍ୱିନୀକୁମାର, ଅଗ୍ନି, ଇନ୍ଦ୍ର, ବିଷ୍ଣୁ, ମିତ୍ର ଓ ପ୍ରଜାପତି ଉତ୍ପନ୍ନ ହେଲେ । ତୈଜସ ବା ରାଜସ ଅହଂକାର ବିକାରଗ୍ରସ୍ତ ହୋଇ ଶ୍ରୋତ୍ର, ତ୍ୱକ, ନେତ୍ର, ଜିହ୍ୱା ଓ ଘ୍ରାଣ ଏହି ପାଞ୍ଚ ଗୋଟି ଜ୍ଞାନେନ୍ଦ୍ରିୟ ଏବଂ ବାକ, ପାଣି, ପାଦ, ପାୟୁ (ମଳଦ୍ୱାର) ଓ ଜନନେନ୍ଦ୍ରିୟ ଏହି ପାଞ୍ଚଗୋଟି କର୍ମେନ୍ଦ୍ରିୟ ଉତ୍ପନ୍ନ ହେଲେ । ଏହିସବୁ ସହିତ ଜ୍ଞାନଶକ୍ତି ରୂପୀ ବୁଦ୍ଧି ଓ କ୍ରିୟା ଶକ୍ତି ରୂପୀ ପ୍ରାଣ ମଧ ତୈଜସ ଅହଂକାରରୁ ଉତ୍ପନ ହେଲା । ଏହି ପଞ୍ଚ ମହାଭୂତ, ମନବୁଦ୍ଧି ଆଦି ଇନ୍ଦ୍ରିୟଗଣ, ସତ୍ତ୍ୱ, ରଜ, ତମ ଆଦି ତିନିଗୁଣ ପରସ୍ପର ସଙ୍ଗଠିତ ହୋଇପାରି ନଥିବାରୁ ସେମାନେ ନିଜର ସଠିକ ସ୍ଥାନ ନିରୁପଣ କରିପାରିନଥିଲେ ।

# ‘ଭୋଜନ ଶେଷକୁ ପୋଡ଼ ପିଠା ଦେଲେ ନେଇ, ଖାଇକରି ସନ୍ତୋଷ ହୋଇଲେ ଭାବଗ୍ରାହୀ’

॥ ପୁଷ୍ପମିତ୍ର ମହାପାତ୍ର ॥

ଜଗନ୍ନାଥ ଉକ୍ତିରେ ଠାକୁର, ସେ ରୂପ ହୋଇ ମଧ ଅରୂପ, ଆକାର ପରି ଦିଶୁଥିଲେ ମଧ ନିରାକାର । ସେ ନିର୍ଗୁଣ ହୋଇ ବି ସଗୁଣ । ସେ ଶୂନ୍ୟ ଶୂନ୍ୟ ମହାଶୂନ୍ୟ ହୋଇ ମଧ ମହାକାରୁଣ୍ୟ । ତେଣୁ ସେ କରୁଣାସାଗର, କୃପାସିନ୍ଧୁ । ତିନିରଥ, ରୂପ ତିନି ହେଲେ ମଧ ଗୋଟିଏ ରୂପ ସେ ଜଗନ୍ନାଥ, ଗୋଟିଏ ନାମ – ସେ ଜଗନ୍ନାଥ । ସମସ୍ତଙ୍କୁ ବିମୋହିତ କରେ । ଚାରୋଟି ଦେବତା ଚାରୋଟି ରୂପ, କୃଷ୍ଣ, ଶ୍ୱେତ, ପୀତ ଓ ଲୋହିତ । ଏହି ଚାରୋଟି ବର୍ଣ୍ଣ ଓ ବିଶ୍ୱର ସକଳ ମଣିଷମାନଙ୍କର ବର୍ଣ୍ଣ । ସତେ ଯେମିତି ସବୁ ଦେବତାଙ୍କ ଭିତରେ ସବୁ ମଣିଷ ମିଳିଯାଇଛନ୍ତି । ସମସ୍ତେ ଏକ ହୋଇଯାଇଛନ୍ତି । ଭେଦରେ ଅଭେଦ ଏହି ମୂର୍ତ୍ତି ଚତୁଷ୍ଟୟଙ୍କ ବାଣୀ ମନ୍ତ୍ର ମୂର୍ତ୍ତି ଚାରି, ଅଥଚ ସବୁ ସେଇ ଏକ ଜଗନ୍ନାଥ । ଚାରି ବର୍ଣ୍ଣରେ ଚଉବର୍ଗ ଦେବକୁ ସେ ସମର୍ଥ । ସେ ଜଗତର ନାଥ ଜଗନ୍ନାଥ ।

ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଏପରି ଏକ ଯାତ୍ରା ଯାହାର ପ୍ରତିଛତ୍ରରେ ସମଭାବର ନିଦର୍ଶନ ମିଳେ । ଏହି ଯାତ୍ରାରେ ସମସ୍ତଙ୍କର ଗୁରୁତ୍ୱ ରହିଥାଏ । କାହା ପ୍ରତି ଊଣା ବା ନ୍ୟୁନ ଭାବ ନଥାଏ । ରଥଟଣା ଏହାର ଏକ ସୁନ୍ଦର ନିଦର୍ଶନ । ଶ୍ରୀଜଗନ୍ନାଥଙ୍କର ଏହି ରଥଯାତ୍ରାର ରଥସଂଖ୍ୟା ତିନି । ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନ । ନନ୍ଦିଘୋଷ ସାନଭାଇ ଜଗନ୍ନାଥଙ୍କ ରଥ, ତାଳଧ୍ୱଜ ବଡ଼ଭାଇ ବଳଭଦ୍ରଙ୍କ ରଥ ଓ ଦେବଦଳନ ସାନ ଭଉଣୀ ସୁଭଦ୍ରାଙ୍କ ରଥ । କିନ୍ତୁ ରଥଟଣା କ୍ଷେତ୍ରରେ କାହାରି ମନ ଊଣା ନହେବା ପରି ବ୍ୟବସ୍ଥା ରହିଛି ।

ପ୍ରତିବର୍ଷ ରଥଯାତ୍ରାରେ ମୋଟ ଚାରିଥର ରଥ ଟଣାଯାଇଥାଏ । ଏହି ଚାରିଥରର ରଥଟଣା ମଧ୍ୟରୁ ପ୍ରଥମ ଥର ରଥଟଣା ହୁଏ ରଥଖଳାରୁ ଶ୍ରୀମନ୍ଦିରର ସିଂହଦ୍ୱାରକୁ । କାରଣ ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ଶ୍ରୀମନ୍ଦିରର ସିଂହଦ୍ୱାର ସମ୍ମୁଖରୁ ହିଁ ଶ୍ରୀଗୁଣ୍ଡିଚାଯାତ୍ରାର ଅୟମାରମ୍ଭ ହୋଇଥାଏ । ସ୍କନ୍ଦ ପୁରାଣର ବର୍ଣ୍ଣନା ଏ ପ୍ରସଙ୍ଗରେ ସ୍ମରଣୀୟ । ତାହା ଅନୁସାରେ ଶ୍ରୀଗୁଣ୍ଡିଚା ମନ୍ଦିରର ଜନ୍ମବେଦୀରେ ଚତୁର୍ଦ୍ଧା ବିଗ୍ରହଙ୍କର ଆବିର୍ଭାବ ପରେ, ସେମାନଙ୍କୁ ରଥରେ ବସାଇ ପ୍ରଥମେ ଶ୍ରୀପୁରୁଷୋତମ ପ୍ରସାଦ ସମ୍ମୁଖକୁ ଅଣାଯାଇଥିଲା । ସେହି ଧାରା ଏହି ପ୍ରଥମ ରଥଟଣାରେ ଲକ୍ଷ୍ୟଣୀୟ । ଏଥିରେ ଶ୍ରୀଜଗନ୍ନାଥଙ୍କ ରଥ ପ୍ରଥମେ ଟଣାଯାଇଥାଏ । ତାହାପରେ ଟଣା ହୁଏ ଦେବୀ ସୁଭଦ୍ରାଙ୍କ ରଥ ଏବଂ ଶେଷରେ ଶ୍ରୀବଳଭଦ୍ରଙ୍କ ରଥ । କିନ୍ତୁ ଶ୍ରୀଗୁଣ୍ଡିଚା ଯାତ୍ରାରେ ରଥଟଣାର ଏହି କ୍ରମ ପୃଥକ । ଏଥିରେ ଶ୍ରୀବଳଭଦ୍ରଙ୍କ ରଥ ପ୍ରଥମେ ଟଣା ହୁଏ । ତାହାପରେ ଟଣା ହୁଏ ଦେବୀ ସୁଭଦ୍ରାଙ୍କ ରଥ ଏବଂ ଶେଷରେ ଶ୍ରୀଜଗନ୍ନାଥଙ୍କ ରଥ ଟଣା ହୋଇଥାଏ । ଏହି କ୍ରମ ବାହୁଡ଼ା ଯାତ୍ରାରେ ମଧ ରକ୍ଷା କରାଯାଇଥାଏ ।

ବାହୁଡ଼ା ଯାତ୍ରା ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଥିବା ରଥମାନଙ୍କୁ ଦକ୍ଷିଣମୋଡ଼ କରି ନାକଚଣା ଦ୍ୱାରା ସମ୍ମୁଖକୁ ଅଣାଯାଏ । ସେଥିରେ କିନ୍ତୁ ପ୍ରଥମେ ଦେବୀ ସୁଭଦ୍ରାଙ୍କ ରଥ ଟଣାଯାଏ । ତାହାପରେ ଟଣାଯାଏ ଶ୍ରୀବଳଭଦ୍ର ଓ ଶ୍ରୀଜଗନ୍ନାଥଙ୍କ ରଥ । ଏହିପରି ଭାବରେ, ଥରେ ପ୍ରଥମେ ଶ୍ରୀଜଗନ୍ନାଥ ରଥ, ଦୁଇଥର ପ୍ରଥମେ ଶ୍ରୀ ବଳଭଦ୍ରଙ୍କ ରଥ ଏବଂ ଥରେ ପ୍ରଥମେ ଦେବୀ ସୁଭଦ୍ରାଙ୍କ ରଥ ଟଣାଯାଇଥାଏ । ରଥଯାତ୍ରା ସରିଗଲେ, ହୁଏ ରଥଭଙ୍ଗା । ଉଲ୍ଲେଖନୀୟ ଯେ ଏଥିରେ ପ୍ରଥମେ ଦେବୀ ସୁଭଦ୍ରାଙ୍କ ରଥ ଭଙ୍ଗା ହୋଇଥାଏ । ତାହା ପରେ ଶ୍ରୀଜଗନ୍ନାଥଙ୍କ ରଥ ଏବଂ ଶେଷରେ ଶ୍ରୀବଳଭଦ୍ରଙ୍କ ରଥ ଭଙ୍ଗାଯାଏ । ଏହା ମଧ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ‘ସର୍ବରଥ ସମଭାବ’ ତତ୍ତ୍ୱକୁ ପୁଷ୍ଟ କରେ ।

ବାହୁଡ଼ା ଯାତ୍ରା ଦିନ ଶ୍ରୀଗୁଣ୍ଡିଚା ମନ୍ଦିରରୁ ସିଂହଦ୍ୱାର ଅଭିମୁଖେ ରଥମାନ ଆସିବା ପରେ ବଳଗଣ୍ଡି ନିକଟସ୍ଥ ମାଉସୀମା (ଅର୍ଦ୍ଧଶିନୀ) ମନ୍ଦିର ସମ୍ମୁଖରେ ପରମ୍ପରା ଅନୁଯାୟୀ ପୋଡପିଠା ଭୋଗ ସର୍ପା ମଣୋହି ପରମ୍ପରା ଅନୁଯାୟୀ ପୋଡ ପିଠା ଭୋଗ ପ୍ରସ୍ତୁତି ସ୍ୱତନ୍ତ୍ର ଶୈଳୀରେ ହୁଏ । ଛେନା, ଗହମ, ଅଟା, ଗୁଆ ଘିଅ, ଚିନି, ଖିସମିସ, ଅଳେଇଚ, ଲବଙ୍ଗ ପ୍ରଭୃତି ସାମଗ୍ରୀରେ ଏହି ପୋଡ଼ପିଠା ପ୍ରସ୍ତୁତ ହୁଏ । କାଠ ଚୁଲିରେ ସମସ୍ତ ସାମଗ୍ରୀକୁ ଉତମ ରୂପେ ଗୋଳାଯାଇ ହାଣ୍ଡିରେ ଗରମ ପାଣିରେ ସିଝାଯାଇ ତା’ପରେ ଏହାକୁ ଥଣ୍ଡା କରାଯାଇ ଛୋଟ ଛୋଟ କରି କଟାଯାଇ ଭଲ ଘିଅ ଗରମ କରାଯାଇ ତହିଁରେ ଛଣା ଯାଇଥାଏ । ଏହି ଭୋଗ ସାମଗ୍ରୀକୁ ନୂଆ ଲାଲ ରଙ୍ଗର ମାଟି କୁଡୁଆରେ ରଖାଯାଇ ତିନି ରଥ ନିକଟକୁ ଭୋଗ ହେବା ନିମନ୍ତେ ଯାଇଥାଏ । ପୂଜାପଣ୍ଡା ସାମନ୍ତ ଏହି ଭୋଗକୁ ନୈବେଦ୍ୟ କରିଥାନ୍ତି । ଏହି ପୋଡ଼ପିଠା ନୈବେଦ୍ୟ ସମ୍ପର୍କରେ ସନ୍ଥ ବଳରାମ ଦାସ ଲେଖିଛନ୍ତି – ‘ଭୋଜନ ଶେଷକୁ ପୋଡ଼ ପିଠା ଦେଲେ ନେଇ, ଖାଇକରି ସନ୍ତୋଷ ହୋଇଲେ ଭାବଗ୍ରାହୀ ।’

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ସେକ୍ଟର-୬, ସିଡିଏ, କଟକ, ଦୂରଭାଷ : ୯୪୩୭୨୨୫୬୮୯,*

# ଦାସଙ୍କ ଶିରେ ବାନ୍ଧିଦେଲେ, ଅତିବଡ଼ି ବୋଲି ବୋଇଲେ

॥ ଡକ୍ଟର ତପନ କୁମାର ପାଳ ॥

ଓଡ଼ିଆ ଜନଜୀବନରେ ଘରେ ଘରେ ପରିଚିତ ଓଡ଼ିଆ ଭାଗବତର ରଚୟିତା ଅତିବଡ଼ି ଜଗନ୍ନାଥ ଦାସ । ଗଜପତି କପିଳେନ୍ଦ୍ର ଦେବଙ୍କ ଦ୍ୱାରା ପ୍ରତିଷ୍ଠିତ ପୁରୀ ନିକଟବର୍ତ୍ତୀ କପିଳେଶ୍ୱରପୁର ଶାସନରେ ୧୪୯୦ ଖ୍ରୀଷ୍ଟାବ୍ଦ ଭାଦ୍ରବ ମାସ ଶୁକ୍ଳ ପକ୍ଷ ଅଷ୍ଟମୀ ବୁଧବାର ମଧ୍ୟାହ୍ନରେ ଅନୁରାଧ ନକ୍ଷତ୍ରରେ ଜନ୍ମଗ୍ରହଣ କରିଥିଲେ । ସେଦିନଟି ଥିଲା ପବିତ୍ର ରାଧାଷ୍ଟମୀ । ପିତା ଭଗବାନ ଦାସ ଓ ମାତା ପଦ୍ମାବତୀଙ୍କ କୋଳମଣ୍ଡନ କରିଥିବା ଜଗନ୍ନାଥ ଦାସଙ୍କ ପିତା ଶ୍ରୀମନ୍ଦିରରେ ପ୍ରତ୍ୟେହ ପୁରାଣ ପାଠ କରୁଥିଲେ । ନିସନ୍ତାନ ଥିବା ତାଙ୍କ ପିତା ଭଗବାନ ଦାସ ପରବର୍ତ୍ତୀ ସମୟରେ ପୁତ୍ର ସନ୍ତାନ ଲାଭ କଲାପରେ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ଚରଣାବିନ୍ଦରେ ସମର୍ପଣ କରି ତାଙ୍କ ନାମ କରଣ କରିଥିଲେ ଜଗନ୍ନାଥ ଦାସ । ୧୫୧୦ ଖ୍ରୀଷ୍ଟାବ୍ଦରେ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ପାଇଁ ବଙ୍ଗ ଦେଶରୁ ବୈଷ୍ଣବ ଭକ୍ତ ଭଗବାନ ଶ୍ରୀ ଚୈତନ୍ୟ ଜଗନ୍ନାଥ ଦାସଙ୍କ ଭକ୍ତିନିଷ୍ଠାର ଅପୂର୍ବ ପରିଚୟ ପାଇ ତାଙ୍କୁ କୋଳାଗ୍ରତପୂର୍ବକ ସମସ୍ତ ବୈଷ୍ଣବମଣ୍ଡଳୀ ସମ୍ମୁଖରେ ଅତିବଡ଼ି ଉପାଧିରେ ଭୂଷିତ କରିଥିଲେ । ‘ଜଗନ୍ନାଥ ଚରିତ୍ରାମୃତରେ ବିପ୍ର ଦିବାକର ଦାସ ଲେଖିଛନ୍ତି – ‘ଆପଣା ଶ୍ରୀଅଙ୍ଗ ପାଛୋଡି । କସାବସନ ଅଙ୍ଗୁକାଢ଼ି, ଦାସଙ୍କ ଶିରେ ବାନ୍ଧିଦେଲେ, ଅତିବଡ଼ି ବୋଲି ବୋଇଲେ ।”

ପିଲାଟି ଦିନୁ ଜଗନ୍ନାଥ ଦାସ ସଂସାର ପ୍ରତି ବିମୁଖ ଥିଲେ । ମାତ୍ର ୧୮ ବର୍ଷ ବୟସରେ ସେ ଶ୍ରୀଚୈତନ୍ୟଙ୍କ ସଂସ୍ପର୍ଶରେ ଆସିବା ପରେ ତାଙ୍କ ଭିତରେ ସନ୍ନ୍ୟାସ ଧର୍ମ ଗ୍ରହଣ ପାଇଁ ପ୍ରେରଣା ସୃଷ୍ଟି ହୋଇଥିଲା । ପଂଚଶଖା ଯୁଗର ପ୍ରଥମ ଶଖା ସିଦ୍ଧକବି ବଳରାମ ଦାସ ଭଗବାନ ଶ୍ରୀଚୈତନ୍ୟଙ୍କ ଆଜ୍ଞାରେ ଭଗବତ୍କାର ଜଗନ୍ନାଥ ଦାସଙ୍କୁ କର୍ଣ୍ଣମନ୍ତ୍ର ଦେଇ ବୈଷ୍ଣବ ଧର୍ମରେ ଦୀକ୍ଷିତ କରାଇବା ସମ୍ପର୍କରେ ବିପ୍ର ଦିବାକର ଦାସ ଉଲ୍ଲେଖ କରିଛନ୍ତି – ‘ଯେମନ୍ତେ ଜଗନ୍ନାଥ ଦାସ, କହିଲେ ଶ୍ରୀ ଚୈତନ୍ୟ ପାଶ । ହେ ଦେବଭକତି ସାଗର, ଶ୍ରୀହରି ନାମ ଆଜ୍ଞାକର । ଶୁଣି ହରଷ ପ୍ରଭୁ ହେଲେ, ମଂଚ ବଳରାମେ ଚାହିଁଲେ । ଏହାଙ୍କୁ ଉପଦେଶ ଦିଅ, ରାମାଦୀ କୀର୍ତ୍ତନ କରାଅ ।’ ଅଚ୍ୟୁତାନନ୍ଦଙ୍କ ରାସଗୁରୁ ଥିଲେ ଭଗବତକାର ଜଗନ୍ନାଥ ଦାସ । ଅଉଦୁତ୍ଙ୍କର ଚବିଶ ଗୁରୁ ଭଳି ଜଗନ୍ନାଥ ଦାସ ମଧ ତାହାଙ୍କର ଜଣେ ଗୁରୁ ଥିଲେ । ବରଣ ଗୀତାରେ ଲିପିବଦ୍ଧ ରହିଛି – ‘ଗୋପାଳ ବାଉତି ଶିଷ୍ୟ ଜଗନ୍ନାଥ ଦାସ, ଭାଗବତ କହି ଜୋତି ତୁହଁ ପରକାଶ । ଅତୀଅ ସୁଗ୍ୟାଂନୀ ଗୁରୁ ଭଗତଙ୍କ ଶ୍ରୀଷ, ଜଗନ୍ନାଥ ଦାସ ଶିଷ୍ୟ ମୁଁ ଅଚ୍ୟୁତ ଦାସ ।’ ପିଲାଟି ଦିନରୁ ବାଳକ ଜଗନ୍ନାଥଙ୍କ ଆଧ୍ୟାତ୍ମିକତା ସମସ୍ତଙ୍କ ପାଖରେ ସୁରଭିତ ହୋଇଥିଲା । ଅସାଧାରଣ ବୁଦ୍ଧିସଂପନ୍ନ ଜଗନ୍ନାଥ ପିତାଙ୍କ ନିକଟରୁ ବୈଦିକତା ସଂସ୍କୃତ ସାହିତ୍ୟରେ ବେଦବେଦାନ୍ତ, ଶ୍ରୀମଦ୍ ଭାଗବତ, ରାମାୟଣ, ବ୍ୟାକରଣ ପ୍ରଭୃତି ଅଧ୍ୟୟନ କରି ଶାସ୍ତ୍ରବିଜ୍ଞାନରେ ନିଜର ପାରଦର୍ଶିତା ସମସ୍ତଙ୍କ ପାଖରେ ପ୍ରଶଂସାର ଘଟଣା ଥିଲା । ମାତ୍ର ପନ୍ଦର ବର୍ଷ ବୟସରେ ସେ ପିତୃହରା ହୋଇଥିଲେ । ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ସଂସ୍କୃତ ଭାଗବତକୁ ଓଡ଼ିଆ ଭାଷାରେ ଅନୁବାଦ କରି ଶ୍ରୀମନ୍ଦିର ନିକଟରେ ଥିବା ଗଣେଶଙ୍କ ନିକଟରେ ନିୟମିତ ପାଠ କରୁଥିଲେ । ତେବେ କିମ୍ବଦନ୍ତୀର ତଥ୍ୟ ଅନୁଯାୟୀ ନିଜର ବୃଦ୍ଧାମାତାଙ୍କ ଅନ୍ତିମ କାମନାପୂର୍ଣ୍ଣ କରିବା ପାଇଁ ଜଗନ୍ନାଥ ଦାସ ଓଡ଼ିଆ ଭାଷାରେ ନାବକ୍ଷରୀ ବୃତରେ ସଂସ୍କୃତ ଭାଗବତକୁ ଅନୁବାଦ କରିଥିଲେ ।

ଓଡ଼ିଆ ଧର୍ମ ସାହିତ୍ୟକୁ ଅତିବଡ଼ି ଜଗନ୍ନାଥ ଦାସଙ୍କ ଅବଦାନ ଅତୁଳନୀୟ । ସେ ଅନେକ ଭକ୍ତିଗୀତ ଭଜନ ସହିତ ଅଣଷଠି ଖଣ୍ଡ ଅପୂର୍ବ ଗ୍ରନ୍ଥ ରଚନା କରିଯାଇଛନ୍ତି ସେଗୁଡ଼ିକ ହେଉଛି ଭାଗବତ, ରାମାୟଣ, ମହାଭାରତ, ଗୁପ୍ତ ଭାଗବତ, ତୁଳାଭିଣା, ଶୂନ୍ୟଭାଗବତ, ଶୈବାଗମ ଭାଗବତ, ଦାରୁବ୍ରହ୍ମ ଗୀତା, ପଂଚଭୂତ ଗୀତା, ପ୍ରାସାଙ୍ଗଦଳନ, ଅର୍ଥକୋଇଲି, ଗୋପୀଭାଷା ଅର୍ଥ, ମନଶିକ୍ଷା, ରୁକ୍ମିଣୀ ମାଳିକା, ଭବିଷ୍ୟମାଳିକା, କଳି ମାଳିକା, ଇନ୍ଦ୍ର ମାଳିକା, ନିତ୍ୟ ନିଳାଦ୍ରୀ ବିଳାସ, ପ୍ରମୋଦ ଚିନ୍ତାମଣି, ହରିଣୀ ସ୍ତୁତି, ଗଜନ ନିସ୍ତାରଣ, ଛାଟ, ପକ୍ଷାପର୍ବ, କାଳୀୟ ଦଳନ, ଅଳଙ୍କାର ବୋଲି, ଉଦ୍ଧବ ଜଣାଣ, ଅକ୍ରୁର ବୋଲି, ଭକ୍ତି ଚନ୍ଦ୍ରିକା, ବ୍ରହ୍ମଗୀତା, ନିଳଗିରି ଧ୍ୟାନ, ଗୁପ୍ତଗୀତା, ଇତିହାସ ପୁରାଣ, ପ୍ରଭୁପାଦନିଧି, ଉଷା ପରିଣୟ, ଦୀକ୍ଷା ସମ୍ବାଦ, ପାହାନ୍ତି ଅବକାଶ, ମାଳା ନିର୍ଣ୍ଣୟ, ପଦ୍ମକଳ୍ପଟିକା, ଗୁଣ୍ଡିଚା ବିଜେ, କଷନ ସାଗର ଗୀତା, ଶ୍ରୀନିତ୍ୟ ଚୁଡ଼ାମଣି, ଶୁଧାତ୍ରୟମ, ଭୂଗୋଳ ଏକାଦଶ ସ୍କନ୍ଧ, ଅମୀୟ କୁଣ୍ଡଳୀ, ଷୋଳ ଚଉପତି, ପ୍ରଭୁପାଦ ସୁଧାନିଧି, ଦହିଖେଳ, ଧ୍ରୁବସ୍ତୁତି, ଶ୍ରୀନାମ ଚନ୍ଦ୍ରିକା, ଚନ୍ଦ୍ରିକା, ରାସକ୍ରୀଡ଼ା, ଜ୍ୱରାବଳୀ, ଏକାଦଶୀ ବ୍ରତ ଗୀତା, ଜ୍ଞାନସାର ଗୀତା, ଫୁଲତୋଳା ଚଉତିଷା, ଦ୍ୱିତୁବୋଧ, ସତ୍ସଙ୍ଗ ଓ ଶରତ ରାସ । ଏହାବ୍ୟତୀତ ସଂସ୍କୃତ ଭାଷାରେ ଏକାଧିକ ମୌଳିକ ଗ୍ରନ୍ଥର ସେ ଜଣେ ସଫଳ ରଚନାକାର । ସେଗୁଡ଼ିକ ହେଉଛି କୃଷ୍ଣଭକ୍ତି କଳ୍ପଲତା, ପ୍ରେମସୁଧା ନିଧି, ନିତ୍ୟ ଚିନ୍ତାମଣି, କୃଷ୍ଣଭକ୍ତିକଳ୍ପଲତା ପଳ, ଉପସନା ସତକମ୍, ନିତ୍ୟାଚାର, ଦୀକ୍ଷା ସଂହିତା ସୋପାନ ବିଧି, ନିଳାଦ୍ରୀ ସତକମ୍ ଜଗନ୍ନାଥ ଚରିତୋମ୍‌ବଧି ଶରଣଂମ୍ , ବୈଷ୍ଣବ ଆଚରଣ, ଶ୍ରୀନିତ୍ୟଚୁଡ଼ାମଣି । ଭକ୍ତକବି ଜଗନ୍ନାଥ ଦାସଙ୍କ ଅନନ୍ୟ ଭକ୍ତିଭାବ, ଜୀବନ ଦର୍ଶନ ଓ ଧାର୍ମିକ ମତବାଦର ପ୍ରମାଣ ମିଳିଥାଏ ନିମ୍ନ ଲିଖିତ ପଦ୍ୟାବଳୀରୁ – ‘ମହାରାଟ ବିଶ୍ୱବଟ, ଏ ବିରାଟୁ ସେ ବିରାଟ, ବିରାଟୁ ଅଖିଳ କୋଟି ହୁଏ ପ୍ରକଟ, ସ୍ଥାବର ଜଙ୍ଗମ କୀଟ, ପତଙ୍ଗାଦି ଯେତେ ଘଟ । ତହିଁ ଜୀବ ବଳଦେବ ଶ୍ରେଷ୍ଠ କନିଷ୍ଠ, ଜଗନ୍ନାଥ ପରମ ରୂପୀ, ପ୍ରକୃତି ଅଂଶେ ସୁଭଦ୍ରା ବ୍ୟାପୀ ।’ ଓଡ଼ିଆ ଧର୍ମ ସାହିତ୍ୟର ସଫଳ ସ୍ରଷ୍ଟା ତଥା ମହାପ୍ରଭୁ ଜଗନ୍ନାଥଙ୍କ ପରମଭକ୍ତ ଜଗନ୍ନାଥ ଦାସ ମାତ୍ର ଷାଠିଏ ବର୍ଷ ପର୍ଯ୍ୟନ୍ତ ଜୀବନ ଧାରଣ କରିଥିଲେ । ସେ ୧୫୫୦ ଖ୍ରୀଷ୍ଟାବ୍ଦ ମାଘ ମାସ ଶୁକ୍ଳ ପକ୍ଷ ସପ୍ତମୀ ତିଥିରେ ଶ୍ରୀକ୍ଷେତ୍ରସ୍ଥ ସାତଲହଡ଼ି ମଠରେ ବୈକୁଣ୍ଠ ପ୍ରାପ୍ତି ହୋଇଥିଲେ ।

*ଏସବିଆଇ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ, ଦୂରଭାଷ : ୯୯୩୭୬୫୮୩୬୨ / ୭୯୭୮୭୯୬୩୩*

# ପରମଶାସ୍ତ୍ର ଭାଗବତ

॥ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ରମଶାସ୍ତ୍ର ଭାଗବତ । ଭାବ, ଜ୍ଞାନ, ବୈରାଗ୍ୟ ଓ ତତ୍ତ୍ୱ ମାର୍ଗର ପ୍ରଦର୍ଶକ । ଅନ୍ୟ ଅର୍ଥରେ ଭଗବାନଙ୍କ ସାକ୍ଷାତ ସ୍ୱରୂପ ହେଉଛନ୍ତି ଶ୍ରୀମଦ୍ଭାଗବତ । ମାନବ କଲ୍ୟାଣ ପାଇଁ କୃଷ୍ଣ ଦ୍ୱୈପାୟନ ବେଦବ୍ୟାସ ଅଷ୍ଟାଦଶ ପୁରାଣ ଗ୍ରନ୍ଥ ରଚନା କରିବା ପରେ ବିଚାର କଲେ ଯେ ସ୍ୱଳ୍ପ ଆୟୁଷ କାଳ ମଧ୍ୟରେ ଅନନ୍ତ ଶାସ୍ତ୍ରକୁ ଅଧ୍ୟୟନ କରି ସାରତତ୍ତ୍ୱକୁ ପରିଜ୍ଞାତ ହେବା ସମ୍ଭବପର ନୁହେଁ । ତେଣୁ ସକଳ ଶାସ୍ତ୍ରର ସାରତତ୍ତ୍ୱକୁ ସନ୍ନିବିଷ୍ଟ କରି ବ୍ୟାସଦେବ ରଚନା କରିଥିଲେ ଶ୍ରୀମଭାଗବତ ମହାପୁରାଣ । ବେଦ ଚତୁଷ୍ଟୟକୁ କଳ୍ପବୃକ୍ଷ ରୂପେ ଋଷିଗଣ କଳ୍ପନା କରିଥିବାବେଳେ ଶ୍ରୀମଦ୍ଭାଗବତ ହେଉଛି ସେହି ବେଦ କଳ୍ପତରୁର ସୁମଧୁର ପକ୍ୱଫଳ । ଏହି ଦିବ୍ୟ ଫଳ ପାଚି ଝଡ଼ିବା ପରେ ଶୁକଦେବ ଏଥିରେ ଚଂଚୁ ଆଘାତ କରି ସ୍ୱାଦ ଅସ୍ୱାଦନ କଲେ । ଶୁକମୁଖ ଦ୍ୱାରା ନଷ୍ଟ ହୋଇ ସେଥିରୁ ଅମୃତରସ ଝରିଆସିଲା । ବିବିଧ ରସର ଭଣ୍ଡାର ଭାଗବତର ଦିବ୍ୟ ଅମୃତସରକୁ ମର୍ମଜ୍ଞ ରସିକ ପୁରୁଷମାନେ ପାନ କରିବାରେ ଲାଗିଲେ । ବାସ୍ତବରେ ଶ୍ରୀମଦ୍ଭାଗବତରେ ଅନେକ ମତର ସମନ୍ୱୟତା ପ୍ରତିପାଦିତ ହୋଇଛି । ଏହି ମହାନ୍ ଗ୍ରନ୍ଥ ହେଉଛି ବିଦ୍ୟାର ଭଣ୍ଡାର । ବାରଟି ସ୍କନ୍ଧରେ ବିଭକ୍ତ ଭାଗବତ ଶାସ୍ତ୍ରରେ ଷଡ଼ ସମ୍ବାଦ ମାଧ୍ୟମରେ ସକାମ କର୍ମ, ନିଷ୍କାମ କର୍ମ, ସକାମ ଓ ନିଷ୍କାମ୍ ଭକ୍ତର ବିବିଧ ସ୍ୱରୂପ, ସାଧନ ଜ୍ଞାନ, ସାଧଜ୍ଞାନ, ମର୍ଯ୍ୟାଦାମାର୍ଗ, ବର୍ଣ୍ଣାଶ୍ରମ ଧର୍ମ, ପୌରୁଷର ସାଧନ, ଅବତାର ରହସ୍ୟ, ଧର୍ମର ଆଶ୍ରୟ, ହରିଭକ୍ତ ରସାମୃତ, ସୃଷ୍ଟିସ୍ଥିତି ପ୍ରଳୟାଦି ବିବରଣ ଓ ଦ୍ୱୈତ-ଅଦ୍ୱୈତ ଦର୍ଶନର ଅବତାରଣା କରାଯାଇଛି । ଏହି ଶାସ୍ତ୍ର ପରମାର୍ଥ ସହିତ ସାଂସାରିକ ଜୀବନକୁ ସୁଖମୟ ଓ ଉନ୍ନତି କରିବା ପାଇଁ ମାର୍ଗଦର୍ଶକ । ସକଳ ବିଘ୍ନନାଶ ପାଇଁ ନାରାୟଣ କବଚ, କାମନା ପୂର୍ତ୍ତି ପାଇଁ ଫୁସବନ ବ୍ରତ, ମନୋବାଞ୍ଛିତ ସନ୍ତାନ ସନ୍ତିତ ପାଇଁ ପୟୋବ୍ରତ, ଋଣମୁକ୍ତି ପାଇଁ ଗଜେନ୍ଦ୍ରସ୍ତୁତି ଆଦି ଅବ୍ୟର୍ଥ ଉପାୟ ସବୁ ଏହି ଶାସ୍ତ୍ରରେ ବର୍ଣ୍ଣିତ ହୋଇଛି । ଇହଲୋକ ଓ ପରଲୋକରେ କଲ୍ୟାଣକାରୀ ଏହି ଶାସ୍ତ୍ରକୁ ପରମହଂସ ସଂହିତା ବୋଲି ମଧ କୁହାଯାଏ ।

ବ୍ୟାସରଚିତ ସଂସ୍କୃତ ଭାଗବତର ପ୍ରଥମ ଟୀକାକାର ହେଉଛନ୍ତି ଆଚାର୍ଯ୍ୟ ଶ୍ରୀଧରସ୍ୱାମୀ । ଶ୍ରୀଧରଙ୍କ ଟୀକା ପରେ ଭାଗବତ ଶାସ୍ତ୍ର ଭାରତବର୍ଷର ମୁଖ୍ରକାମୀ ଅଗଣିତ ବିଦ୍ୱାନ ଓ ଶ୍ରଦ୍ଧାଳୁଙ୍କ ପଥପ୍ରଦର୍ଶକ ସାଜିଥିଲା । ଏହି ଟୀକା ମାଧ୍ୟମରେ ଭକ୍ତଗଣ ଭାଗବତର ମର୍ମ ବୁଝିବାକୁ ସକ୍ଷମ ହୋଇଥିଲେ । ପଂଚଦଶ ଶତାବ୍ଦୀର ଶେଷଭାଗରେ ଉତ୍କଳଭୂମିରେ ପଂଚସାଖା ଯୁଗୀୟ ଜ୍ଞାନାମିଶ୍ରିତ ଭକ୍ତିମାର୍ଗର ପ୍ରଚାର ହୋଇଥିଲା । ପଂଚସଖାଙ୍କ ମଧ୍ୟରୁ ଅନ୍ୟତମ ଅତିବଡ଼ି ଜଗନ୍ନାଥ ଦାସଙ୍କ ଦ୍ୱାରା ଓଡ଼ିଆ ଭାଗବତ ରଚନା କରାଯାଇଥିଲା । ନିଜ ଜନନୀର ଇଚ୍ଛା ପୂରଣ କରିବାକୁ ଯାଇ ଯେଉଁ ମହାଶାସ୍ତ୍ର ରଚିତ ହେଲା, ତାହା ଆଜି ବି ଉତ୍କଳୀୟଙ୍କ ମାର୍ଗଦର୍ଶକ ସାଜିଛି । ପୁରୀ ନିକଟସ୍ଥ କପିଳେଶ୍ୱରପୁର ବ୍ରାହ୍ମଣଶାସନରେ ରାଧାଷ୍ଟମୀରେ ଜନ୍ମ ନେଇଥିଲେ ଜଗନ୍ନାଥ । ପୁରାଣପଣ୍ଡା ଭଗବାନ ଦାଶ ତାଙ୍କର ପିତା ଓ ମାତାଙ୍କ ନାମ ପଦ୍ମାବତୀ । ପିତାଙ୍କ ଦେହାନ୍ତେ ତାଙ୍କୁ ବଡ଼ଦେଉଳରେ ପୁରାଣ ପଢ଼ିବା ବୃତିକୁ ଆଦରିନେବାକୁ ପଡ଼ିଥିଲା । ଏହା କିନ୍ତୁ ଥିଲା ମଣିକାଞ୍ଚନ ସଂଯୋଗ । ଆବାଲ୍ୟ ହରିଭକ୍ତ ଜଗନ୍ନାଥଙ୍କୁ ମିଳିଲା ମହାପ୍ରଭୁଙ୍କ ନିକଟରେ ବସି ତାଙ୍କରି ଯଶରାଶିକୁ ପଠନ ଓ ମନନ କରିବାର ଅହୋଭାଗ୍ୟ । ତେବେ ଗୋଟିଏ ଦୁଃଖ । ନିଜର ଅପାଠୋଇ ମାତା ବୁଝିପାରୁ ନାହାନ୍ତି ସଂସ୍କୃତ ଭାଗବତର ଅର୍ଥ । ଜନନୀଙ୍କ ଇଚ୍ଛା ଦୂର କରିବାକୁ ମନରେ ଚିନ୍ତା କରି ପରମେଶ୍ୱରଙ୍କୁ ସେ ଧ୍ୟାନ କଲେ । ସରଳ ସୁନ୍ଦର ନବାକ୍ଷରୀ ବୃତରେ ଆରମ୍ଭ କଲେ ସଂସ୍କୃତ ଭାଗବତର ଓଡ଼ିଆ ଅନୁବାଦ । ନିଜେ ରଚନା କରିଥିବା ପଂକ୍ତିଗୁଡ଼ିକୁ ପ୍ରଥମେ ଜଗନ୍ନାଥଙ୍କୁ ଶୁଣାଇ ଦାସେ ବଟଗଣେଶ ମୂଳେ ବସି ପୁରାଣ ପାଠ କରନ୍ତି । ଏକଦା ଭେଟ ହେଲେ ଶ୍ରୀଚୈତନ୍ୟ ମହାପ୍ରଭୁ । ଦାସଙ୍କ ଭାଗବତ ଚର୍ଚ୍ଚାରେ ମୁଗ୍ଧ ହୋଇ ମୁଣ୍ଡରେ ଭିଡ଼ିଦେଲେ ନିଜର ଉତରୀୟ । ସହର୍ଷେ କୋଳାଗ୍ରତ କରିବା ସହ ସେଇଦିନ ଭୂଷିତ କରିଥିଲେ ଅତିବଡ଼ି ଉପାଧିରେ । ଅନେକ କଠିନ ପରୀକ୍ଷାର ସମ୍ମୁଖୀନ ହୋଇ ନିଜ ଭକ୍ତିର ପରାକାଷ୍ଠା ବଳରେ ରାଜା ପ୍ରତାପରୁଦ୍ରଙ୍କୁ ଚମକତ୍ତ କରିବା ପରେ ଶ୍ରୀକ୍ଷେତ୍ରରେ ପ୍ରତିଷ୍ଠିତ ହୋଇଥିଲା ବଡ଼ ଓଡ଼ିଆମଠ । କିନ୍ତୁ ନିଜର ସାଧନା ପାଇଁ ସେ ନିର୍ଜନ ବେଳାଭୂମିରେ ସ୍ଥାପନ କରିଥିଲେ ସାତଲହଡ଼ି ମଠ । ଏଠାରେ ରହି ରଚନା କଲେ ଓଡ଼ିଆ ଭାଗବତ ଏକାଦଶ ସ୍କନ୍ଧରେ ଶ୍ରୀକୃଷ୍ଣଙ୍କ ସ୍ୱଧାମ ଗମନଲୀଳା । ଲେଖିସାରିବାର ଅଳ୍ପଦିନ ପରେ ମାଘ ଶୁକ୍ଳ ସପ୍ତମୀରେ ତାଙ୍କର ଲୀଳାବସାନ ହୋଇଥିଲା । ସନ୍ଥକବି ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ମୂଳ ଭାଗବତ ଆଧାରରେ ରଚିତ ହୋଇଥିଲେ ବି ଏହା ଆକ୍ଷରିକ ଅନୁବାଦ ନୁହେଁ । ପ୍ରକୃତ ଭାଷାରେ ରଚିତ ଏହି କୃଷ୍ଣ ରଚିତ ଗାଥା । ଏଥିରେ କବିଙ୍କର ଭାଷା ଚାତୁରି ଓ କାବ୍ୟକତା ଅନନ୍ୟ ଭାବେ ପ୍ରତିପାଦିତ । ଜଗନ୍ନାଥ ଦାସ ମୋଟ ଏକାଦଶ ସ୍କନ୍ଧ ପର୍ଯ୍ୟନ୍ତ ଭାଗବତ ରଚନା କରିଥିବାବେଳେ ମହାଦେବ ଦାସଙ୍କ ରଚିତ ଦ୍ୱାଦଶ ଓ ତ୍ରୟୋଦଶ ସ୍କନ୍ଧ ମଧ ଉପଲବ୍ଧ ହୁଏ । ତେବେ ମଧ୍ୟଯୁଗୀୟ ଓଡ଼ିଶାରେ ଭାଗବତ ହିଁ ଧର୍ମ ଆନ୍ଦୋଳନରେ ମୁଖ୍ୟ ପୁରୋଧା ଥିବା ଗବେଷକମାନେ ମତ ଦିଅନ୍ତି । ଏହା ଷୋଡ଼ଶ ଶତାବ୍ଦୀ ଠାରୁ ଉତ୍କଳୀୟ ଧର୍ମଧାରାକୁ ଅନେକ ପରିମାଣରେ ପ୍ରଭାବିତ କରିଆସୁଛି । ଲୋକେ କଥାକଥାରେ ଭାଗବତ ପଂକ୍ତି ଉଦ୍ଧାର କରନ୍ତି । ପ୍ରତିଘରେ ଭାଗବତକୁ ପୂଜା କରାଯାଉଥିବା ବେଳେ ଗାଁ ଗାଁରେ ଭାଗବତ ଟୁଙ୍ଗୀ ମାଧ୍ୟମରେ ଜ୍ଞାନଚର୍ଚ୍ଚା ହୋଇପାରୁଥିଲା । ଭାଦ୍ରବ ପୂର୍ଣ୍ଣିମାରେ ଜଗନ୍ନାଥ ଦାସ ଭାଗବତ ଲେଖା ଆରମ୍ଭ କରିଥିବା ଜନଶ୍ରୁତି ଆଧାରରେ ଏହି ଦିନ ଭାଗବତ ଜନ୍ମ ଓ ଆଷାଢ଼ ଗୁରୁ ପୂର୍ଣ୍ଣିମାରେ ବଡ଼ା ଉତ୍ସବ ପାଳିତ ହେଉଥିଲା । ଏବେ କିନ୍ତୁ ଆଧୁନିକତା ନାମରେ ଏହିସବୁ ବୈଭବ ଲୋପ ପାଇଯାଉଥିବା ଦେଖାଯାଉଛି । ତେବେ ପରମଶାସ୍ତ୍ର ଭାଗବତ ଅଭ୍ୟାସ କରୁଥିବା ପ୍ରତ୍ୟେକ ବ୍ୟକ୍ତି ନିଜର କଲ୍ୟାଣ ପାଇଁ ତଥା ଆତ୍ମୋଦ୍ଧାର ପାଇଁ ନିରନ୍ତର ଭାଗବତ ରସ ଆସ୍ୱାଦନ କରିବା ଆବଶ୍ୟକ । ଏହାଦ୍ୱାରା ମାନବ ଜୀବନ ଚରିତାର୍ଥ ହୋଇଥାଏ ।

*ପ୍ରତିରଦ୍ୱିକ ଓ ଅବସର ପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ମୋ : ୯୪୩୭୦୫୧୯୫୭*

# ଯାତ୍ରାକାଳୀନ ସୁଖଦ ଅନୁଭୂତି

॥ ଅନୀତା ପଟ୍ଟନାୟକ ॥

ମୋର ବାନ୍ଧବୀ ଭାଗ୍ୟଲକ୍ଷ୍ମୀ ତାର ସ୍ୱାମୀ ଅରୁଣଙ୍କ ସହିତ ‘ବ୍ଲୁ ଫ୍ଲାଗବିଚ୍’ ବୁଲିବାକୁ ଯାଇଥିଲେ । ରାସ୍ତାରେ ସେ ଅରୁଣଙ୍କୁ ପଚାରି ଯୀଶୁଖ୍ରୀଷ୍ଟଙ୍କୁ କ୍ରୁଶବିଦ୍ଧ କାହିଁକି କରାଯାଇଥିଲା ? ଏହାର ଅର୍ଥ କ’ଣ ? ସେ କହିଥିଲେ କରୁଣାର ଫାଶୀ କାଠରେ ଆମେ ଆମର ଅହଂକାରକୁ ଝୁଲାଇ ଦେବା ଉଚିତ । ଭାଗ୍ୟଲକ୍ଷ୍ମୀ ଗାଡ଼ି ଚାଳୁଥିବା ସମୟରେ ଅରୁଣ ବାବୁଙ୍କୁ କହିଲ ମୁଁ ଚିଡ଼ି ଯାଉଚି ବୋଲି ତୁମେ ବ୍ୟସ୍ତ ହେଉଛ । ଜାଣିଚ କାଲି ଓଜନ ଯନ୍ତ୍ରରେ ଠିଆ ହେଲା ବେଳେ ଜାଣିଲି ମୋର ଦଶ କେଜି ଓଜନ ବଢ଼ିଯାଇଛି । ଅରୁଣ ବାବୁ ଥଟ୍ଟାରେ କହିଲେ ତୁମର ମୃତ୍ୟୁପରେ ତୁମକୁ ବୋହି ନେଉଥିବା ଲୋକଙ୍କ ପାଇଁ ତୁମେ ଦଶ କେଜିର ଅଧିକ ଓଜନ ହେବ । ଆମେ ଶ୍ରୀକ୍ଷେତ୍ରକୁ ଯାଉଥିବାବେଳେ ସବୁ ଦୃଷ୍ଟିରୁ ହାଲୁକା ହେବ । ଉଚିତ ଓ ଧର୍ମ ପରାୟଣତାର ଓଜନ ବଢ଼ାଇବା ଉଚିତ । ଭାଗ୍ୟଲକ୍ଷ୍ମୀ ଏ ଉତର ଶୁଣି ଲାଜେଇ ଗଲା । ଏଥର ଭାଗ୍ୟଲକ୍ଷ୍ମୀ ଅରୁଣ ବାବୁଙ୍କୁ ପଚାରିଲା କହିଲ ଦେଖି ରାବଣ, ହିରଣ୍ୟକଶିପୁ, ହିରାଣାକ୍ଷ୍ୟ, ଦୁର୍ଯ୍ୟୋଧନ ଏମାନଙ୍କର ଚରିତ୍ର ରାମାୟଣ ଓ ମହାଭାରତରେ କାହିଁକି ବର୍ଣ୍ଣିତ ହୋଇଛି ? ସେମାନେ ସୁରକ୍ଷିତ, ଶକ୍ତିଶାଳୀ, ଶାରିରୀକ ଦୃଷ୍ଟିକୋଣରୁ ବଳବାନ ଓ ବୀର ଥିଲେ । ଅରୁଣ ବାବୁ କହିଲେ ନାଁ । ସେମାନଙ୍କ ନିକଟରେ ସଦଗୁଣ, ସଦାଚାରୀ ହେବାର ଆକାଂକ୍ଷା ଓ ଧର୍ମ ଅନୁଶୀଳନ କରିବାର ଆଶା ଅନୁପସ୍ଥିତ ଥିଲା । ତେଣୁ ଏହି ଦୋଷଗୁଡ଼ିକ ଯୋଗୁ ସେମାନେ ବିଧ୍ୱଂସ ହୋଇଥିଲେ । ଅରୁଣ ବାବୁ ଗାଡ଼ି ଚଳାଉଥିବା ସମସ୍ତରେ ତାଙ୍କ ପାଖରେ କୌଣସି ବ୍ୟକ୍ତି ଶୋଇପଡ଼ିଲେ ବିରକ୍ତ ହୁଅନ୍ତି । ସେ ତାଙ୍କ ପତ୍ନୀଙ୍କୁ ପଚାରିଲେ, ଶୋଇପଡ଼ିଲ କି ? ଭାଗ୍ୟଲକ୍ଷ୍ମୀ ଉଠିପଡ଼ି କହିଲା ନା ମୁଁ ଭାବୁଥିଲି ଭଗବାନଙ୍କୁ ନୀରବଦ୍ରଷ୍ଟା, ନୀରବସାକ୍ଷୀ ଭାବେ କାହିଁକି ବର୍ଣ୍ଣନା କରାଯାଇଛି ?

ଅରୁଣବାବୁ କହିଲେ, ଆଖି ଦେଖେ । କିନ୍ତୁ ଆଖିକୁ କିଏ ଦେଖେ ? ଆଖି ଦ୍ୱାରା ଉପଲବ୍ଧ ଅନୁଭୂତିକୁ କିଏ ଅନୁଭବ କରେ ? ତାହା ହେଉଛି ମନ । ବସ୍ତୁ ଜଗତ ହେଉଛି ଦୃଶ୍ୟ । ଅଖି ହେଉଛି ଦ୍ରଷ୍ଟା ଏବେ ବୁଦ୍ଧି ଦ୍ରଷ୍ଟା ହେବା ବେଳେ ମନ ହେଉଛି ଦୃଶ୍ୟ । ଶେଷରେ ବୁଦ୍ଧି ମଧ ଦୃଶ୍ୟ କାରଣ ଆତ୍ମା ହେଉଛି ପରମ ଦ୍ରଷ୍ଟା । ସେ ସାକ୍ଷୀ ଭାବରେ ମନତତ୍ତ୍ୱର ନାଟକକୁ ଲକ୍ଷ୍ୟ କରେ । ପୁରୀ ପାଖାପାଖି ହୋଇଯିବାରୁ ଭାଗ୍ୟଲକ୍ଷ୍ମୀ ଚାରିଟି ଆଳୟ ଦେଖିଲା । ଯଥା ଭୋଜନାଳୟ, ଆରୋଗ୍ୟାଳୟ, ବିଦ୍ୟାଳୟ ଓ ଦେବାଳୟ । ସେ ଅରୁଣ ବାବୁଙ୍କୁ ପଚାରିଲା । ଏ ଆଳୟ ସବୁ କିପରି ହେବା ଉଚିତ । ଅରୁଣ ବାବୁ ମଜାଳିଆ ସ୍ୱରରେ କହିଲେ, ଭୋଜନାଳୟ ମିତବ୍ୟୟୀରେ ଶୁଦ୍ଧ ଓ ପୁଷ୍ଟିକର ଖାଦ୍ୟ ଦେବା ଉଚିତ । ଅରୋଗ୍ୟାଳୟକୁ ଯାଇ ତୁମେ ଜାଣ ଯେ ତୁମର ସୁସ୍ଥ ଖାଦ୍ୟାଭ୍ୟାସ ନାହିଁ କି ତୁମେ ତାକୁ ଗ୍ରହଣ କରିବାକୁ ଆଗ୍ରହୀ ନୁହେଁ । ବିଦ୍ୟାଳୟ ଅଜ୍ଞାନତାର ଅନ୍ଧକାରକୁ ଦୂର କରି ଜ୍ଞାନର ଆଲୋକକୁ ଭରି ଦେଉ । ମୂଳ ସଂସ୍କୃତି ଶିକ୍ଷା ଦେଉ ଓ ପିଲାଙ୍କ ଗଢ଼ିବାରେ ସାହାଯ୍ୟ କରୁ । ସେହିପରି ଦେବାଳୟ ଏକତ୍ୱ ବିଶ୍ୱାସ ଓ ପ୍ରେମରେ ସମସ୍ତଙ୍କୁ ଭରି ଦେବା ଉଚିତ । ବାଟ ମଙ୍ଗଳା ନିକଟରେ ଭାଗ୍ୟଲକ୍ଷ୍ମୀ ଦେଖିଲା ଯଜ୍ଞ ହେଉଛି ସେଠାରେ ଏକ ହୋଟେଲରେ ଭଲ ଚା ମିଳୁଥିଲା ଉଭୟେ ଓହ୍ଲାଇ ଚା ପିଇଲେ । ଭାଗ୍ୟଲକ୍ଷ୍ମୀ ପଚାରିଲା ଯଜ୍ଞ କ’ଣ ? ଅରୁଣ ବାବୁ ଚିରାଚରିତ ଢ଼ଙ୍ଗରେ କହିଲେ ଭଗବାନଙ୍କ ଯଶ ପାଇଁ ଉତ୍ସର୍ଗୀକୃତ ଯେ କୌଣସି କାର୍ଯ୍ୟକୁ ଯଜ୍ଞ କୁହାଯାଏ ? ଭାଗ୍ୟଲକ୍ଷ୍ମୀ ପୁଣି ପଚାରିଲା, ଯଜ୍ଞ ପାଇଁ କ’ଣ ତପ ଆବଶ୍ୟକ ? ଅରୁଣ ବାବୁ କହିଲେ ମନରେ ଶାନ୍ତି ଓ ବିଶ୍ୱାସ ସୁନିଶ୍ଚିତ କରି ନାହିଁ ତପ । ଏଥର ଉଭୟେ ପୁରୁଷୋତମ କ୍ଷେତ୍ରରେ ପହଂଚିଗଲେ । ଭାଗ୍ୟଲକ୍ଷ୍ମୀ ପଚାରିଲା ପୁରୁଷ ଅର୍ଥ କ’ଣ ? ଅରୁଣ ବାବୁ କହିଲେ ଯେ ପୁରରେ ବାସରେ । ଭଗବାନ ପୁରର ନିବାସୀ ଏଥର ଭାଗ୍ୟଲକ୍ଷ୍ମୀ ପଚାରିଲା ତାଙ୍କର ନାମ ପୁରୁଷୋତମ କାହିଁକି ହୋଇଛି । ଅରୁଣ ବାବୁ କହିଲେ ସେ ପୁରୁଷୋତମଙ୍କ ମଧ୍ୟରେ ଉତମ ଓ ସବୁ ପୁରର ପରମ ନିବାସୀ । ଭାଗ୍ୟଲକ୍ଷ୍ମୀ ପଚାରିଲା ମୁଁ ପୁରୁଷୋତମଙ୍କୁ କିପରି ଜାଣିବି ? ଚିରାଚରିତ ଢ଼ଙ୍ଗରେ ହସି ଦେଇ ଅରୁଣ କହିଲେ ନିଜକୁ ଠିକ ଭାବେ ଶିକ୍ଷିତ କଲେ । ଦୁହେଁ ପୁରୁଷୋତମଙ୍କୁ ଦର୍ଶନ କରି ମହାପ୍ରସାଦ ଖାଇ ସମୁଦ୍ର କୂଳ ଆଡ଼େ ଆଗେଇ ଚାଲିଲେ ।

*ଅବସରପ୍ରାପ୍ତ ପ୍ରଧାପିକା, କଟକ*
*ମୋ : ୯୬୯୨୯୮୦୦୨୬*

## ସାହିରେ ଡ୍ରେନ ଏବଂ ସିସି ରୋଡ଼ ନଥିବାରୁ ଘର ଭିତରକୁ ପସିଯାଉଛି ବର୍ଷା ପାଣି



ଦାରିଙ୍ଗବାଡି, ୦୮/୦୯ (ଆ.ପ୍ର) : ଲଗାଣ ଲଘୁଚାପ ଜନିତ ବର୍ଷା ଯୋଗୁଁ ଜଳ ବନ୍ଦୀ ହେଉଛି ଗାଁ ଠୁ ସହର । ସାହିରେ ଡ୍ରେନ ଏବଂ ସିସି ରୋଡ଼ ନଥିବାରୁ ଘର ଭିତରକୁ ପସିଯାଉଛି ବର୍ଷା ପାଣି । ଏଭଳି ସମସ୍ୟା ଭୋଗୁଛନ୍ତି କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ କାଟିଙ୍ଗିଆ ପଂଚାୟତ ଅନ୍ତର୍ଗତ ଆଡିବଙ୍ଗା ଗ୍ରାମର ଆଦିବାସୀ ସାହିରେ । ଏହି ସାହିରେ ପ୍ରାୟ ୩୦୦ ସହ ଲୋକ ବସବାସ କରନ୍ତି ହେଲେ ସାହିରେ ଡ୍ରେନ କିମ୍ବା ସିସି ରୋଡ଼ ନଥିବାରୁ ବର୍ଷା ଆସିଲେ ବର୍ଷା ପାଣି ଘର ଭିତରକୁ ପଶି ଯାଉଛି । ଜାହାରୀ ଫଳରେ ବୁଢ଼ା ଠାରୁ ଶିଶୁ ପର୍ଯ୍ୟନ୍ତ ନାଇନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ସମସ୍ୟାକୁ ନେଇ ସ୍ଥାନୀୟ ସରପଂଚ ଏବଂ ବ୍ଲକ ପ୍ରଶାସନିକ ଅଧିକାରୀଙ୍କୁ ବାରମ୍ବାର ଗୁହାରି ଜଣାଇ ଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ ବୋଲି କହିଛନ୍ତି ଲୋକେ । ଏନେଇ କାଟିଙ୍ଗିଆ ସରପଂଚ ସୁଭଦ୍ରା ପତ୍ରାଙ୍କୁ ପଚାରିବାରୁ ଆଡିବଙ୍ଗା ଗ୍ରାମର ଆଦିବାସୀ ସାହିରେ ଡ୍ରେନ ଏବଂ ସିସି ରୋଡ଼ ନଥିବାରୁ ବର୍ଷା ପାଣି ଘରକୁ ପଶୁଥିବା ଅଭିଯୋଗ କରିଥିଲେ ଲୋକେ କିନ୍ତୁ ମୁଁ ଗୋଷ୍ଠୀ ଉନ୍ନୟନ ଅଧିକାରୀକୁ ଜଣାଇଥିଲି ହେଲେ କୌଣସି ପଦକ୍ଷେପ ନେଉନାହାନ୍ତି ବୋଲି ସରପଂଚ ସୁଭଦ୍ରା ପତ୍ରା କହିଛନ୍ତି । ଆଡିବଙ୍ଗା ଗ୍ରାମର ଆଦିବାସୀ ସାହିରେ କେବେ ସିସି ରୋଡ଼ ଏବଂ ଡ୍ରେନ ନିର୍ମାଣ ହେବ ସେନେଇ ଚିନ୍ତାରେ ଲୋକେ ।

## ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକର ପଲସଦା ପଂଚାୟତରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର ଓ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ



ନୂଆପଡ଼ା, ୦୮/୦୯ (ଆ.ପ୍ର) : ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ୍‌ର ପଲସଦା ପଂଚାୟତର ସେହି ଗାଁରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର, ଝିଅ ପାଇଁ ଗଛଟିଏ, ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ ଓ ପ୍ରାଣୀ ପାଇଁ ଦିନଟିଏ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥି ପାଇଁ ଜିଲ୍ଲାପାଳ ମଧୁସୂଦନ ଦାଶ ଏବଂ ଅନ୍ୟାନ୍ୟ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଗାଁରେ ପହଂଚିଥିଲେ । ମୁଖ୍ୟ ଅତିଥି ଜିଲ୍ଲାପାଳଙ୍କ ସହିତ ଡିଏଫ୍‌ଓ ଅଜିଜ ଖାନ, ଜିଲ୍ଲା ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ସୁର୍ମୀ ସୋରେନ୍, ବିଡ଼ିଓ ସୁଶାନ୍ତ କୁମାର ରଣା, ତହସିଲଦାର ଅନସୂୟା ବାଗ୍ ଦେବି, ପଲସଦା ସରପଂଚ ଚାତୁରୀ ବେହେରା, ଓ ସମିତି ସଭ୍ୟ ମାୟାଧର ସୁନାନୀ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ । ଆଜିର ଏହି ସୁନ୍ଦର କାର୍ଯ୍ୟକ୍ରମ ପାଇଁ ପଲସଦା ଗାଁ ଆନନ୍ଦ ମୁଖର ହୋଇ ଉଠିଥିଲା । ଝିଅ ପାଇଁ ଗଛଟିଏ ଓ ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଗାଁର ନବଜାତକ ଶିଶୁ କନ୍ୟା ହେମକାନ୍ତୀ ମଲ୍ଲିକ ଓ ତାର ପିତାମାତାଙ୍କୁ ସମାରୋହରେ ଜିଲ୍ଲାପାଳ ଉପହାର ଓ ବୃକ୍ଷ ରୋପଣ ପାଇଁ ଚାରା ପ୍ରଦାନ କରିଥିଲେ । ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଗାଁର ଦୁଇ ଜଣ ଗର୍ଭବତୀ ମହିଳାଙ୍କୁ ଏହି ସମାରୋହରେ ଅତିଥିମାନେ ଫଳମୂଳ, ପନିପରିବା, ପୁଷ୍ଟିକର ଖାଦ୍ୟ ଏବଂ ବିଭିନ୍ନ ଉପହାର ଭେଟି ଦେଇଥିଲେ । ଏହାପରେ ଶ୍ରମିକ ସଚେତନତା ଶିବିରରେ ଅତିଥି ମାନେ ଗାଁ ବାସୀ ମାନଙ୍କୁ ମନରେଗା ଯୋଜନାରେ କାମ କରିବା ସହିତ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ଲାଭ ଉଠାଇବା ପାଇଁ ଆହ୍ୱାନ ଦେଇଥିଲେ । ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଯୋଗଦେଇ ନିଜ ନିଜ ବିଭାଗର କଲ୍ୟାଣକାରୀ ଯୋଜନା ସମ୍ବନ୍ଧରେ ଜନସାଧାରଣଙ୍କୁ ବୁଝାଇଥିଲେ । ସମସ୍ତଙ୍କୁ ସମ୍ବୋଧନ କରି ଜିଲ୍ଲାପାଳ କହିଲେଯେ ଗାଁର କୌଣସି ବି ପୁରୁଷ କିମ୍ବା ମହିଳା ଭୁଲ୍‌ରେ ବି ପ୍ରବାସୀ ଶ୍ରମିକ ହିସାବରେ ଅନ୍ୟ ରାଜ୍ୟକୁ ଯାଇ ହଇରାଣ ହରକତ ହୁଅନ୍ତୁ ନାହିଁ । ନିଜ ଗାଁ ମାଟିରେ ରହି ମନରେଗା ଯୋଜନାରେ କାମ କରି ସବୁ ଶ୍ରମିକ ପରିବାର ଲକ୍ଷପତି ହୁଅନ୍ତୁ । ଚାଷୀ ଭାଇ ଭଉଣୀ ମାନେ ଉନ୍ନତ ପ୍ରଣାଳୀରେ ଚାଷ କରନ୍ତୁ । ଏସବୁ ସହିତ ପଶୁ ପାଳନ, ମାଛ ଚାଷ ଛତୁ ଚାଷ ଇତ୍ୟାଦି ଅର୍ଥକାରୀ ଧନ୍ଦାବାଡି କରନ୍ତୁ । ଏସବୁ କରିବା ପାଇଁ ଜିଲ୍ଲା ପ୍ରଶାସନ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇ ଦେବେ । ଯେଉଁମାନେ ଏ ବର୍ଷ ଦାଦନ ଯାଇଛନ୍ତି, ସେମାନେ ଆଉଥରେ ନ ଯିବା ପାଇଁ ସଂକଳ୍ପ ନିଅନ୍ତୁ । ଆମେ ସମସ୍ତେ ମିଶି ପଲସଦା ପଂଚାୟତକୁ ପ୍ରବାସୀ ଶ୍ରମିକ ଓ ପ୍ଲାଷ୍ଟିକ୍ ମୁକ୍ତ କରି ପାରିବା ବୋଲି କହିଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ପରିଚାଳନା କରିଥିଲେ । ପଲସଦା ଆଶ୍ରମ ସ୍କୁଲ୍‌ର ଛାତ୍ରୀମାନେ ପରିବେଶ ସୁରକ୍ଷା ଓ ପ୍ଲାଷ୍ଟିକ ମୁକ୍ତ ସମାଜ ସଚେତନତା ପାଇଁ ସୁନ୍ଦର ନୃତ୍ୟ ପରିବେଷଣ କରିଥିଲେ । ସ୍ଥାନୀୟ ସରପଂଚ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଅତିଥି ମାନେ ସାମୁହିକ ବୃକ୍ଷରୋପଣ କରିଥିଲେ । ସମାରୋହକୁ ବୋଡ଼େନ ବିଡ଼ିଓ , ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଂଗୀତା ପାତ୍ର, ବୋଡ଼େନ ସିଡିପିଓ ଅର୍ଚ୍ଚନା ରାଉତ, ସରପଂଚ, ବ୍ଲକ ଏବଂ ପଂଚାୟତ କର୍ମଚାରୀ ପ୍ରମୁଖ ଆୟୋଜନ କରିଥିଲେ ।

## ଓଡ଼ିଶା ହାଣ୍ଡିକ୍ରାପ୍ଟ ଆୱାଡୀ ଆସୋସିଏସନର ବୈଠକ



ଛତିଆ, ୦୮/୦୯ (ଆ.ପ୍ର) : ସୋମବାର ଦିନ ଛତିଆ ଅମରାବତୀ ମଣ୍ଡପ ଠାରେ ଓଡିଶା ହାଣ୍ଡିକ୍ରାପ୍ଟ ଆୱାଡି ଆସୋସିଏସନ୍ ପକ୍ଷରୁ ଏକ ବୈଠକର ଆୟୋଜନ ହୋଇଥିଲା । ଏହି ବୈଠକ ରେ ଶିଳ୍ପୀ ଗୁରୁ କଳ୍ପତରୁ ମହାରଣା ଅଧକ୍ଷତା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜାତୀୟ ଓ ରାଜ୍ୟ ସ୍ତରରେ ପୁରାସ୍କୃତ ହୋଇଥିବା କାରୀଗର ମାନେ ଉପସ୍ଥିତ ରହି ବିଭିନ୍ନ ପ୍ରକାରର ସମସ୍ୟା ଉପରେ ଆଲୋଚନା କରିବାସହ । ସମସ୍ୟା ଗୁଡ଼ିକ କିପରୀ ସରକାରଙ୍କ ପାଖରେ ପହଂଚି ପାରିବ ସେ ବିଷୟ ରେ ଆଲୋଚନା କରଯାଇଥିଲା । ସ୍ୱାସ୍ଥ୍ୟ, ପେନସନ ଏମାଙ୍କର ସମାଜରେ ଏବଂ ନିଜସ୍ୱ ବିଭାଗରେ ସ୍ଥାନ କୋଉଠି ଏହି ସବୁ ବିଷୟରେ ସରକାରଙ୍କୁ କିପରି ଅବଗତ କରାଯିବ ସେ ବିଷୟରେ ଆଲେଚନା କରିଥିଲେ । ଏଥି ସହିତ ଜିଲ୍ଲା ଶାଖା ମଧ ଗଠାନ କରଯାଇଥିଲା । ଏଥିରେ ସଭାପତି ଭାବରେ କଳାକୃତି ସମ୍ମାନ ପାଇ ଥିବା ଅନ୍ତ ମହାରଣା ଓ ସମ୍ପାଦକ ରାଜ୍ୟ ହସ୍ତ ଶିଳ୍ପ ପୁରସ୍କାର ପାଇଥିବା ପ୍ରଫୁଲ୍ଲ କୁମାର ମହାରଣା ଓ ଉପସଭାପତି, ସହ ସମ୍ପାଦକ, ସଂଯୋଜକ ଭାବରେ ପ୍ରଦୀପ୍ତ ମହାରଣା, ଡଲି ସ୍ମିତା ସାହୁ, ସୁରେଶ ଗୁରୁଙ୍କୁ ମନୋନୀତ କରଯାଇଥିଲା । ଏହି ସଭାରେ ଜିଲ୍ଲା ସଭାପତି କଳ୍ପତରୁ ମହାରଣା, ସମ୍ପାଦକ ବ୍ରହ୍ମାନନ୍ଦ ମହାରଣା ମଧ ଉପସ୍ଥିତ ଥିଲେ । ଅନ୍ୟ ମାନଙ୍କ ମଧରେ (ଓ,ଆ)ର ସମ୍ପାଦକ ଗୋଲଖ ପାତ୍ର, ଇନ୍ଦ୍ରମଣି ମହାରଣା, କୁର୍ଷ୍ଣ ଚନ୍ଦ୍ର ମହାନ୍ତି, ହରିହର ସୁତାର, ଏକାଦଶୀ ବାରିକ, ଭାଗ୍ୟଧର ମହାରଣା ମହେଶ୍ୱର ଓଝା, ବିଷ୍ଣୁ ଚରଣ ଖୁଂଟିଆ, ସୁନିଲ ପଟ୍ଟନାୟକ, କମଳ ଲୋଚନ ପଣ୍ଡା ଅବସର ପ୍ରାପ୍ତ ସରକାରୀ କର୍ମଚାରୀ, ଛତିଆ ସମିତି ସଭ୍ୟ ଇଞ୍ଜିନିୟର ଦୀପକ କୁମାର ସାହୁ ଓ ସମାଜ ସେବୀ ଭଜହରି ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ ।

## ବଣୁଆ ବାର୍‌ହା ମକ୍କା ନଷ୍ଟ କରିଦେଲା : ଚାଷୀମାନେ ଚିନ୍ତିତ



ପାରଳାଖେମୁଣ୍ଡି, ୦୮/୦୯ (ଆ.ପ୍ର) : ଗଜପତି ଜିଲ୍ଲା ଅନ୍ତର୍ଗତ ମୋହନା ବ୍ଲକର କମଳାପୁର ଗ୍ରାମରେ ବଣୁଆ ବାର୍ହା ଗରିବ ଚାଷୀଂକ ମକ୍କା ଫସଲ ନଷ୍ଟ କରିଦେଇଛି ।ଧାର ଉଦ୍ଧାର କରି ଚାଷ କରୁଥିବା ଚାଷୀ ମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ଆଣିଥିବା ଋଣ ପରିଶୋଧ କିପରି କରିବେ ତାହା ସେମାନଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ପ୍ରମୁଖ ଚାଷୀ ବାବୁଲା ଦଳାଇ ଓ ସନ୍ୟା ଗୌଡ ବନ ବିଭାଗ ଠାରେ ଅଭିଯୋଗ କରିଛନ୍ତି । ଚନ୍ଦ୍ରଗିରି ବନାଂଚଳ ଅଧିକାରୀ ବିନୟ ପ୍ରକାଶ ବୁରୁ ଏଦିଗରେ ସବିଶେଷ ବିବରଣୀ ସଂଗ୍ରହ ପରେ ଆର୍ଥିକ ସହାୟତା ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ବାର୍ହା କବଳରୁ ମୁକ୍ତ କରିବାକୁ ଚାଷୀ ମାନେ ବନ ବିଭାଗ ଅଧିକାରୀଙ୍କୁ ନିବେଦନ କରିଛନ୍ତି ।

## ବିଂଝାରପୁର ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



ଯାଜପୁର, ୦୮/୦୯ (ଆ.ପ୍ର) : ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ବିଂଝାରପୁର ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିଥିଲେ । ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଂଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ମୋଟ ୮୮ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୭୨ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୪ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୧୨ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୧୮ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ, ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଦେବୀ ପ୍ରସାଦ ମହାନ୍ତି, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ବିଜୟ କୁମାର ମିଶ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବିଂଝାରପୁର, ହିତାଂଶୁ ଶେଖର ସାମଲ, ଭାରପ୍ରାପ୍ତ ତହସିଲଦାର, ବିଂଝାରପୁର ପ୍ରଦୀପ୍ତ କୁମାର ସେଠୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଜନସାଧାରଣଙ୍କର ଆପତି ଅଭିଯୋଗର ଶୁଣାଣି କରିଥିଲେ ।

## ପ୍ରଫୁଲ ପାଠାଗାରରେ ଆନ୍ତର୍ଜାତିକ ସାକ୍ଷ୍ୟରତା ଦିବସ ପାଳିତ



ଜଗତସିଂହପୁର, ୦୮/୦୯ (ଆ.ପ୍ର) : କୌଣସି ଦେଶର ବିକାଶ ସେହି ଦେଶର ସାକ୍ଷରତା ଉପରେ ନିର୍ଭରଶିଳ ଓ ଏହି କଥାକୁ ଦୃଷ୍ଟିରେ ରଖି ୧୯୬୭ ମସିହା ସେପଟ୍ଟେମ୍ବର ମାସ ୮ ତାରିଖ ଠାରୁ ବିଶ୍ୱ ସ୍ତରରେ ଏହି ଦିବସ ପାଳନ କରାଯାଇ ଆସୁଛି । ବୈଶିକ ସ୍ତରରେ ସାକ୍ଷରତାକୁ ତ୍ୱରାନ୍ୱିତ କରିବା ଓ ଜନ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଉଦେଶ୍ୟ ବୋଲି ଆଜି ପ୍ରଫୁଲ ପାଠାଗାରଠାରେ ଆୟୋଜିତ ସଭାରେ ଅତିଥିମାନେ ଯୋଗ ଦେଇ ଏହି ମତପୋଷଣ କରିଛନ୍ତି । ପାଠାଗାରର ସଭାପତି ରବୀନ୍ଦ୍ରନାଥ ତ୍ରିପାଠୀ ଏଥିରେ ଅଧକ୍ଷତା କରି ତାଙ୍କ ବକ୍ତବ୍ୟରେ ସାକ୍ଷରତା ବିକାଶର ମୁଖ୍ୟ ପରିମାପକ ବୋଲି କହିଥିଲେ ଓ । ସେହିପରି ଅତିଥି ଭାବେ ଯୋଗ ଦେଇ ଅବସର ପ୍ରାପ୍ତ ଅଧାପକ ହିମାଂଶୁ ଶେଖର ଆଚାର୍ଯ୍ୟ, ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ, ଶିକ୍ଷାବିତ ସତ୍ୟବାଦୀ ଦାସ, ସତ୍ୟବାଦୀ ସାହୁ, ବିକ୍ରମ କୁମାର ଜେନା, ଅଜୟ କୁମାର ପତି ପ୍ରମୁଖ ଯୋଗ ଦେଇ ସେମାନଙ୍କ ବକ୍ତବ୍ୟରେ ସାରା ବିଶ୍ୱରେ ୮୬ ପ୍ରତିଶତ ବୟସ୍କ ଲୋକରୁ ଅଧିକ ଲୋକ ସାକ୍ଷରତା ହାସଲ କରିଥିବାବେଳେ ଏବେ ବି ୭୫ କୋଟି ବୟସ୍କ ଲୋକ ନିରକ୍ଷର ଅଛନ୍ତି ବୋଲି କହିଥିଲେ । ଏଥି ସହିତ ଚଳିତ ବର୍ଷର ବିଷୟବସ୍ତୁ ଡିଜିଟାଲ ଦୁନିଆରେ ସାକ୍ଷରତାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଶେଷରେ ପାଠାଗାରର ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶିକ୍ଷକ ମନୋରଞ୍ଜନ ମିଶ୍ର ସମ୍ମାନିତ



ରାୟଗଡା, ୦୮/୦୯ (ଆ.ପ୍ର) : ଜିଲ୍ଲା ସ୍ତରୀୟ ସମ୍ବର୍ଦ୍ଧନା କାର୍ଯକ୍ରମ ପାଇଁ ରାଜ୍ୟ ସରକାରଙ୍କ ଅଭିନବ ପ୍ରୟାସ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ରାଜ୍ୟରେ ଗୁଣାତ୍ମକ ଶିକ୍ଷାର ଅଭିବୃଦ୍ଧି ନିମନ୍ତେ ଯେଉଁ ଶିକ୍ଷକଙ୍କ ଅବଦାନ ରହିଛି ସେମାନେ ପୁରସ୍କୃତ ହୋଇଛନ୍ତି । ମୁଖ୍ୟ ଅତିଥି ଥିଲେ ରାୟଗଡ଼ା ଜିଲ୍ଲାପାଳ ଆଶିଷ କୁମାର କୁଳକର୍ଣ୍ଣି, ରାୟଗଡା ଜିଲ୍ଲାପାଳ, ସମ୍ମାନିତ ଅତିଥି ଥିଲେ ଜିଲ୍ଲାପରିଷଦ ଅଧାକ୍ଷା ସରସ୍ୱତୀ ମାଝୀ, ବିଷମକଟକ ଶିକ୍ଷକ ଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଜଗନ୍ନାଥ ମେହେର, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀମତୀ ରାଓ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭଜନ ଲାଲ ମାଝୀ, ସର୍ବୋପରି ପୁରସ୍କାର ବିତରଣୀ ଉତ୍ସବର ଆୟୋଜକ ଜିଲ୍ଲାଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହାକ ମଂଚ ମଣ୍ଡନ କରିଥିଲେ । ରାୟଗଡା ଜିଲ୍ଲାର ବିରନାରାୟଣ ପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ମନୋରଞ୍ଜନ ମିଶ୍ର, ଆଦର୍ଶ ଶିକ୍ଷକ ରୂପେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିଲେ । ମଂଚ ପରିଚାଳନା କରିଥିଲେ ଶିକ୍ଷୟିତ୍ରୀ ସସ୍ମିତା ମିଶ୍ର, ମମତା କର, ଧନ୍ୟବାଦ ଅର୍ପଣ କରିଥିଲେ ଜଗନ୍ନାଥ ମେହେର ଅଧ୍ୟକ୍ଷ ଡ଼ାଇଟ, ବିଷମକଟକ । କାର୍ଯ୍ୟକ୍ରମର ସଫଳ ରୂପାୟନ କରିଥିଲେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ, ପ୍ରଦୀପ ସାହୁ ସଂଯୋଜକ ଅନ୍ତର୍ନିବେଶି ଶିକ୍ଷା ।

## ଫାଇନ ଚାଲାଣ ମେସିନ ଉପରେ ଟ୍ରଲର ଚଢାଇଦେଲା ଟ୍ରକ ଡ୍ରାଇଭର



ଟାଙ୍ଗୀ ଚୌଦ୍ୱାର, ୦୮/୦୯ (ଆ.ପ୍ର) : କଟକ ଜିଲ୍ଲା ଚୌଦ୍ୱାର ମଙ୍ଗୁଳି ଛକ ନିକଟରେ ଟାଙ୍ଗୀ ପୁଲିସ ପେଟ୍ରୋଲିଙ୍ଗ କରି ବେଆଇନ ଗାଡିକୁ ହଟାଉଥିବା ସମୟରେ ଏକ ଟ୍ରଲର ପୁଲିସ ଉପରକୁ ଚଢ଼ାଇ ଦେବାକୁ ଉଦ୍ୟମ କରିଥିଲା । ପ୍ରକାଶ ଯେ ପେଟ୍ରୋଲିଙ୍ଗ ସମୟରେ ପୁଲିସ ଗାଡି ଚାଳକଟିକୁ କହିଥିଲା ଯେ ଗାଡିକୁ ଏଠାରୁ ହଟା ନହେଲେ ଫାଇନ କଟାଯିବ ବୋଲି କହିଥିଲେ । ଘଟଣା ସ୍ଥଳରେ ଟ୍ରକ ଡ୍ରାଇଭର ତତକ୍ଷଣାତ ପୁଲିସ ଉପରକୁ ଗାଡି ଚଢ଼ାଇଦେବାକୁ ଉଦ୍ୟମ କରିବା ସମୟରେ ପୁଲିସ ଜଣଙ୍କ ଆହତ ହୋଇଥିଲେ ଏବଂ ତାଙ୍କ ହାତରେ ଥିବା ଫାଇନ ଚାଲାଣ ମେସିନଟି ଉପରେ ଟ୍ରଲରଟି ଚଢି ଯାଇଥିଲା । ଟ୍ରଲର ଟିକୁ ଧରିବା ପାଇଁ ପୁଲିସ ବହୁ ଉଦ୍ୟମ ପରେ ଶେଷରେ ଚୌଦ୍ୱାର ସ୍ଥିତ ମୁଣ୍ଡମାଳ ଛକ ନିକଟରେ ଅଟକାଇ ଥିଲା । ପ୍ରାଥମିକ ସୂଚନା ଅନୁଯାଇ ଟ୍ରକ ଡ୍ରାଇଭରଟି ବିହାର ରାଜ୍ୟର ହୋଇଥିବା ବେଳେ ଟ୍ରକଟିରେ ଲୋଡ଼ ଥିବା ସାମଗ୍ରୀକୁ ବିହାରରୁ ଆଣି ଓଡିଶାର ଆଠଗଡ଼ରେ ଥିବା ଟାଟା କମ୍ପାନୀକୁ ନେଉଥିବାର ଜଣାପଡିଛି ।

## କଂସାରି-ସୋଲରି ମେଗାଲିଫ୍ଟ ପ୍ରୋଜେକ୍ଟ ପାଇଁ ତୃତୀୟ ଥର ସ୍ଥିତି ଅନୁଧାନ



ଚିଲିକା/ ବାଣପୁର, ୦୮/୦୯ (ଆ.ପ୍ର) : କଂସାରି-ସୋଲରି ମେଗାଲିଫ୍ଟ ପ୍ରୋଜେକ୍ଟ ପାଇଁ ତୃତୀୟ ଥର ସ୍ଥିତି ଅନୁଧାନ କରାଯାଇଅଛି । ଖୋର୍ଦ୍ଧା ମାଇନର ଇରିଗେଶନ ଏସ ଡି ଓ ଇଂଜିନିୟର କେ ସି ସେଠୀ ଓ ବାଲୁଗାଁ ମାଇନର ଇରିଗେସନ୍ ଆସିଷ୍ଟାଂଟ ଇଞ୍ଜିନିୟର ପାରମିତା ପଣ୍ଡା ସ୍ଥିତି ଅନୁଧାନ ପାଇଁ ପହଂଚିଥିଲେ । ପ୍ରକାଶ ଥାଉ କି ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ଆଙ୍କୁଲା ଗ୍ରାମପଂଚାୟତର ସୋଲରି ପାହାଡ ପାଦଦେଶରେ ଅବସ୍ଥିତ ପାଇକକୁଶଡିହ, ପାରିକଂଶାରି, ବ୍ରାହ୍ମଣକୁଶଡିହ, ଆଙ୍କୁଲା, ଡାଙ୍ଗୁଆ, କ୍ଷେତ୍ରପାଳ, ରାହାଣବେଲି, କାଲୁରୀ ଆଦି ଗ୍ରାମ ଗୁଡ଼ିକର ଚାଷ ଜମି ସବୁ ଅଦ୍ୟାବଧି ଅଣଜଳସେଚିତ ହୋଇ ରହିଛି । ଚାଷୀଙ୍କୁ କେବଳ ବର୍ଷା ପାଣି ହିଁ ଭରଷା । ବର୍ଷା ଠିକ୍ ସମୟରେ ନ ହେଲେ ଚାଷୀ ମାନଙ୍କର ଭେଳା ବୁଡିଲା । ଦୀର୍ଘ ବର୍ଷ ଧରି ବହୁ ପ୍ରକାର ପ୍ରଚେଷ୍ଟା ହେବାପରେ ମଧ୍ୟ ସମସ୍ୟାର କୌଣସି ଉନ୍ନତି ହୋଇପାରିନାହିଁ । ପଂଚାୟତ ଓ ପଂଚାୟତ ସମିତି ସ୍ତରୀୟ ରାଜନେତା ମାନଙ୍କର ସ୍ୱାର୍ଥପର ରାଜନୀତି ଏଥିପାଇଁ ହୁଏତ ସଂପୂର୍ଣ୍ଣ ଭାବେ ଦାୟୀ । ନଚେତ୍ ଗୋଟିଏ ପଂଚାୟତ ବର୍ତମାନ ସୁଦ୍ଧା ଅଣଜଳସେଚିତ ହୋଇ ରହିଥିବା ବେଳେ ଚାଷୀକୁଳ ଅନେକ ହତାଶା ମଧ୍ୟରେ ଗତି କରୁଥିଲେ ସୁଦ୍ଧା କୃଷକ କଲ୍ୟାଣ ଯୋଜନା ଆଳରେ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି । ସ୍ଥାନୀୟ କୃଷକ ନେତା ଦାମୋଦର ସ୍ୱାଇଁ ତାଙ୍କର ଶୁଭେଚ୍ଛୁ ମାନଙ୍କ ସହିତ ମାନ୍ୟବର ମନ୍ତ୍ରୀ ପୂର୍ତ ଆଇନ ଅବକାରୀ ବିଭାଗ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହ ବିଚାର ବିମର୍ଷ କରି ଶାଳିଆ ନଦୀର ଶାଖା ନଦୀ କଂସାରି ନଦୀରୁ ମେଗା ଲିଫ୍ଟ ପ୍ରୋଜେକ୍ଟ ସୋଲାରି ପାହାଡ ତଳେ ତଳେ କରି ପଂଚାୟତର ସମସ୍ତ ଚାଷ ଜମିକୁ ଜଳସେଚିତ କରିବା ନିମନ୍ତେ ଲିଖିତ ଭାବରେ ଅନୁରୋଧ କରିଥିଲେ । ମନ୍ତ୍ରୀ ତାଙ୍କର ଅନୁରୋଧ ରକ୍ଷାକରି ଭୁବନେଶ୍ୱର ମେଗା ଲିଫ୍ଟ ପ୍ରୋଜେକ୍ଟ ଡିଭିଜନର ଏକ ଦୁଇଜଣିଆ ଟିମ୍, ଏକଜୁକୁଟିଭ ଇଞ୍ଜିନିୟର ଅଭିପ୍ସା ପାଲ ଓ ଆସିଷ୍ଟାଂଟ ଏକଜୁକୁଟିଭ ଇଞ୍ଜିନିୟର ତୃପ୍ତିରେଖା ନାୟକଙ୍କୁ ଭିତିଭୂମି ତଦାରଖ ପାଇଁ ଏକ ମାସ ତଳେ ପଠାଇଥିଲେ । ସେ ଦୁଇ ଅଧିକାରୀ ପାରିକଂସାରି ଠାରେ ପହଂଚି କଂଶାରି ନଦୀ କୂଳରେ ସ୍ଥିତି ଅନୁଧାନ କରିଥିଲେ । ତାଙ୍କୁ ଉକ୍ତ ସ୍ଥାନର ସ୍ଥିତି ଅନୁଧାନ ପାଇଁ ଦାମୋଦର ସ୍ୱାଇଁ, ଅଶୋକ କୁମାର ପାଇକରାୟ, ଶରତ ଚନ୍ଦ୍ର ବରାଳ, ପୀୟୂଷ ପ୍ରସାଦ ହରିଚନ୍ଦନ, ଜିତେନ୍ଦ୍ର ବିଶ୍ୱାଳ, ପ୍ରସନ୍ନ ସାମନ୍ତରାୟ, ଉଲ୍ଲାସ ନାୟକ, ଟୁକୁ ପାଟସାଣି, ବିଜୟ ସ୍ୱାଇଁ, ଅନନ୍ତ ସ୍ୱାଇଁ, ପ୍ରସନ୍ନ ସ୍ୱାଇଁ, ଆନନ୍ଦ ବରାଳ, ଦେବେନ୍ଦ୍ର ଦାଶ, ସତ୍ୟନାରାୟଣ ରଥଶର୍ମା, ରତ୍ନାକର ପ୍ରଧାନ, ଅର୍ଜୁନ ସାମନ୍ତସିଂହାର, ବିଦ୍ୟାଧର ବାରିକ୍, ଦେବ ମଙ୍ଗରାଜ ପ୍ରମୁଖ ବହୁ ଚାଷୀ ଉପସ୍ଥିତ ଥିଲେ । ଆଜି ମଧ୍ୟ ସ୍ଥିତି ଅନୁଧାନ ପାଇଁ ପହଂଚିଥିବା ଅଧିକାରୀ ମାନଙ୍କୁ ଉପରୋକ୍ତ ଗ୍ରାମବାସୀ ମାନଙ୍କ ସହିତ ବହୁ ସ୍ଥାନୀୟ ଅଧିବାସୀ ଉପସ୍ଥିତ ହୋଇ କାର୍ଯ୍ୟକୁ ଶୀଘ୍ର ଆରମ୍ଭ କରିବା ପାଇଁ ଅନୁରୋଧ କରିଥିଲେ ।

## ଦଶହରା ଫୁଟବଲ୍ କୋପ ଟୁର୍ଣ୍ଣାମେଂଟ ଉଦ୍‌ଘାଟନ



ନବରଙ୍ଗପୁର, ୦୮/୦୯ (ଆ.ପ୍ର) : ନବରଙ୍ଗପୁର ଟାଉନ ଫୁଟବଲ୍ ଏକାଡେମୀ ଆନୁକୂଲ୍ୟରେ ସ୍ଥାନୀୟ କଲେଜ ଫୁଟବଲ୍ ପଡ଼ିଆରେ ଦଶହରା ଫୁଟବଲ୍ କୋପ ଟୁର୍ଣ୍ଣାମେଂଟ ଉଦ୍ଘାଟନ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଥିବା ବେଳେ ବିଶିଷ୍ଟ ଅତିଥି ଭାବରେ ଜିଲ୍ଲା କ୍ରୀଡା ସଂଘର ସଂପାଦକ ପ୍ରହଲ୍ଲାଦ ତ୍ରିପାଠୀ ଏବଂ ସମ୍ମାନିତ ଅତିଥି ଭାବରେ ଜିଲ୍ଲା କ୍ରୀଡା ସଂଘର ଉପ ସଭାପତି ଏମ ବାଲକୃଷ୍ଣ ରାଓ, ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ଏବଂ ପ୍ରାକ୍ତନ ଫୁଟବଲ୍ ଖେଳାଳୀ ରାକେଶ ଗୁପ୍ତା ପ୍ରମୁଖ ଯୋଗ ଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏକ ସଂଘର୍ଷ ମୟ ଉଦ୍ଘାଟନୀ ମ୍ୟାଚରେ କୋରାପୁଟ ଜିଲ୍ଲା ଉମରି ଦଳ ନବରଙ୍ଗପୁର ଜିଲ୍ଲା ଗ୍ଲାଡ଼ିଏଟର ଏଫ୍ ସି ଦଳକୁ ୨-୦ ଗୋଲ ରେ ପରାସ୍ତ କରି ପରବର୍ତୀ ପର୍ଯ୍ୟାୟ କୁ ଉନ୍ନୀତ ହୋଇଛି । ସୂଚନା ଯୋଗ୍ୟ ଯେ ଏହି ଟୁର୍ଣ୍ଣାମେଂଟରେ ଅବିଭକ୍ତ କୋରାପୁଟ ଜିଲ୍ଲାର ମୋଟ ୧୬ ଗୋଟି ଦଳ ଅଂଶ ଗ୍ରହଣ କରିଛନ୍ତି । ଏହି ଟୁର୍ଣ୍ଣାମେଂଟର ଉଦ୍ୟକ୍ତା ଅଶୋକ ପାତ୍ରଙ୍କ ଦ୍ୱାରା ଲୁକ୍କାୟିତ ପ୍ରତିଭାର ଅନ୍ୱେଷଣ ସକାଶେ ଆୟୋଜନ କରିଥିବାରୁ ଜିଲ୍ଲାର ପ୍ରାକ୍ତନ କ୍ରୀଡାବିତ୍ ମାନେ ଶ୍ରୀ ପାତ୍ରଙ୍କ ଏହି ଅଭିନବ ପ୍ରୟାସ ପାଇଁ ସାଧୁବାଦ୍ ଜଣାଇ ଛନ୍ତି । ଆଜିର ଉଦଘାଟନୀ ମ୍ୟାଚରେ ରେଫରି ଭାବରେ ଲାଲୁ ହରିଜନ, ଲାଇନ୍ ରେଫେରି ଭାବରେ ଚନ୍ଦନ ଗରଡା, ବିଜୟ ନାୟକ ପରିଚାଳନା କରିଥିବା ବେଳେ ପ୍ରଥମଥର ପାଇଁ ମହିଳା ରେଫରୀ ଭାବରେ ରାଇଲା ଉତରା ଏବଂ ଆରତୀ ହରିଜନ ସହଯୋଗ କରିଥିଲେ । ଫୁଟବଲ୍ ଖେଳ ଦେଖିବାକୁ ଆଖ ପାଖ ଅଂଚଳରୁ ଅନେକ ଦର୍ଶକ ଉପସ୍ଥିତ ଥିଲେ ।

## ନୂଆପଡ଼ା ଜିଲ୍ଲା ବିଜେପି ଜିଲ୍ଲା କାର୍ଯ୍ୟାଳୟ ଠାରେ ନୂଆଁଖାଇ ଭେଟଘାଟ ଉତ୍ସବ ପାଳିତ



ନୂଆପଡ଼ା, ୦୮/୦୯ (ଆ.ପ୍ର) : ନୂଆପଡ଼ା ଜିଲ୍ଲା ବିଜେପି ଜିଲ୍ଲା କାର୍ଯ୍ୟାଳୟ ଠାରେ ନୂଆଁଖାଇ ଭେଟଘାଟ ଉତ୍ସବ ପାଳିତ ହୋଇଥିବା ବେଳେ ତିନି କେବିନେଟ ମନ୍ତ୍ରୀ ଯୋଗଦାନ କରିଥିଲେ । ନୂଆଁଖାଇ ଭେଟଘାଟ ଏବଂ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ପଂଚାୟତି ରାଜ ମନ୍ତ୍ରୀ ରବୀ ନାରାୟଣ ନାଏକ, ଗଣଶିକ୍ଷା ମନ୍ତ୍ରୀ ଧର୍ମୁ ଗଣ୍ଡ, ଏବଂ ପଡୋଶୀ ଛତିଶଗଡ଼ କୃଷି ଅନୁସୂଚିତ ଜାତି ଜନଜାତି ମନ୍ତ୍ରୀ ରାମ ବିଚାର ନେତାମ ଯୋଗ ଦେଇ ଦଳୀୟ ସାଙ୍ଗଠାନିକ ମଜଭୁତ ପାଇଁ ଆହ୍ୱାନ କରିଥିଲେ । ସଭାରେ ଜିଲ୍ଲା ସଭାପତି କମଲେଶ ଦୀକ୍ଷିତ ଅଧକ୍ଷତା କରିଥିବା ବେଳେ ପୂର୍ବତନ୍ ସାଂସଦ ବସନ୍ତ କୁମାର ପଣ୍ଡା ମଂଚ ପରିଚାଳନା କରିଥିଲେ । ସଭାରେ ଖରୀଆର ରୋଡ ଏନ୍‌ଏସି ଅଧକ୍ଷା ଡ଼.ସୋନିଆ ଜୈନ୍, ବିଧାୟକ ପ୍ରାର୍ଥୀ ଅଭିନନ୍ଦନ ପଣ୍ଡା ଯୋଗ ଦେଇଥିଲେ । ନୂଆପଡ଼ା ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆଙ୍କ ବିୟୋଗରେ ଗଭୀର ଶ୍ରଦ୍ଧାଞ୍ଜଳୀ ଓ ଶୋକ ସଭା କରି ସଭାକୁ ଶୀଘ୍ର ସାଙ୍ଗ କରିଥିଲେ

# ପଲିଥିନ୍ ନିଷିଦ୍ଧ ଏକ ଭେଲିକି ! ଗାଈ ପେଟରେ ୫୦ କିଲୋ ଜରି



ବ୍ରହ୍ମପୁର, ୦୮/୦୯ (ଆ.ପ୍ର) : ରାଜ୍ୟରେ ପଲିଥିନ ବ୍ୟାଗ୍ ଓ ପ୍ଲାଷ୍ଟିକ ବ୍ୟବହାରକୁ ସରକାରଙ୍କ ପକ୍ଷରୁ ନିଷିଦ୍ଧ କରାଯାଇଛି । କିନ୍ତୁ ତାହା କେବଳ କାଗଜକଲମରେ ସୀମିତ ରହିଛି । କିଛିଦିନ ଧରପଗଡ ପରେ ସରକାରୀ କଳ ଶୋଇପଡ଼ିଛି । ଯେଉଁଥିପାଇଁ ଆଜି ଛୋଟରୁ ବଡବଡ ଦୋକାନରେ କିଣାକିଣି ବେଳେ ପଲିଥିନ ବ୍ୟବହାର ହେଉଛି । କେବଳ ଦୋକାନ ବଜାରରେ ନୁହଁ ଆବର୍ଜନା ଗଦାରେ କୁଢ କୁଢ ପଲିଥିନ ଜମା ହେଉଛି । ସହରକୁ ଆବର୍ଜନା ମୁକ୍ତ କରିବା ତଥା ସଠିକ ପରିଚାଳନା ପାଇଁ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ କୋଟି କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ କରାଯାଉଥିଲେ ମଧ୍ୟ ଆବର୍ଜନା ହଟୁନଥିବା ଦେଖିବାକୁ ମିଳୁଛି । ଆଉ ଯାହାର ଭୟଙ୍କର ପରିଣାମ ଭୋଗୁଛନ୍ତି ନିରୀହ ପଶୁ । ସୂଚନା ମୁତାବକ ଗତ ତିନି ଦିନ ତଳେ ଏକ ଗାଈ ହିଲପାଟଣା ବଡ଼ ସାହି ମୁଖ୍ୟ ରାସ୍ତାରେ ପଡ଼ି ଯନ୍ତ୍ରଣାରେ ଛଟପଟ ହେଉଥିବା ଦେଖି ଲୋକେ ପଶୁ ସହାୟତା ନମ୍ବର ୧୯୬୨କୁ ଯୋଗାଯୋଗ କରିଥିଲେ । ଫଳରେ ପଶୁ ଚିକିତ୍ସାଳୟ କର୍ମଚାରୀ ଘଟଣା ସ୍ଥଳରେ ପହଂଚି ଚିକିତ୍ସା ଜାରି ରଖିଥିଲେ ମଧ୍ୟ କୌଣସି ସୁଧାର ଆସିନଥିଲା । ବର୍ଷା କାକରରେ ଛଟପଟ ହେଉଥିବା ଉକ୍ତ ଗାଈକୁ ଦେଖି ପ୍ରଥମେ ସ୍ଥାନୀୟ କର୍ପୋରେଟର ସଂଜିତ ପାଣିଗ୍ରାହୀ ଓ ପରେ ପଶୁପ୍ରେମୀ ଲଲାଟେନ୍ଦୁ ଚୌଧୁରୀଙ୍କୁ ଜଣାଇଥିଲେ । ଶ୍ରୀ ଚୌଧୁରୀ ଘଟଣା ସ୍ଥଳରେ ପହଂଚି ତାର ଉତମ ଚିକିତ୍ସା ପାଇଁ ଚିକିତ୍ସା ଅଧିକାରୀ ଅଞ୍ଜନ ଦାସଙ୍କୁ ଅନୁରୋଧ କରିଥିଲେ । ଉକ୍ତ ଗାଈକୁ ଘଟଣା ସ୍ଥଳରୁ ଉଦ୍ଧାର କରି ପଶୁ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା । ତାର ପେଟରେ ଯନ୍ତ୍ରଣା ହେଉଥିବା ଚିକିତ୍ସାରୁ ଜାଣି ପ୍ରଥମେ ପେଟର ଏକ ଛୋଟ ଅସ୍ତ୍ରୋପଚାର କରିବା ପରେ ଗାଈଟି ସୁସ୍ଥ ଅନୁଭବ କରୁଥିବା ଡାକ୍ତର ସତ୍ୟ ନାରାୟଣ କର ଦେଖି ଆଜି ଅସ୍ତ୍ରୋପଚାର କରିଥିଲେ । ତେବେ ଆଶ୍ଚର୍ଯ୍ୟର କଥା ଅସ୍ତ୍ରୋପଚାର ପରେ ପେଟରୁ ପାଖାପାଖି ୫୦ କିଲୋ ଓଜନର ପଲିଥିନ ଜରିର ଗୁଳା ବାହାରିଥିଲା । ଯାହାକୁ ଦେଖି ପଶୁ ଚିକିତ୍ସାଳୟର କର୍ମଚାରୀ ହରି ଚନ୍ଦ୍ର ନାୟକ, ରାମ ଚନ୍ଦ୍ର ସାହୁଙ୍କ ସମେତ ବହୁ ପଶୁପ୍ରେମୀ ତାଜୁବ୍ ହୋଇଯାଇଥିଲେ । ଡାକ୍ତର ସତ୍ୟନାରାୟଣ କରଙ୍କ ଅକ୍ଳାନ୍ତ ପରିଶ୍ରମ ଓ ଚେଷ୍ଟା ପରେ ଉକ୍ତ ଗାଈର ଅସ୍ତ୍ରୋପଚାର ହୋଇପାରିଥିଲା । ଫଳରେ ଗାଈଟି ବର୍ତମାନ ସୁସ୍ଥ ଥିବା ଜଣାପଡିଛି । ରାଜ୍ୟ ସରକାର ଏପରି ଦୁର୍ଘଟଣାକୁ ଏଡାଇବା ପାଇଁ ପୂର୍ବରୁ ପଲିଥିନ ନିଷିଦ୍ଧ ଘୋଷଣା କରିଥିଲେ ମଧ୍ୟ ବର୍ତମାନ ସୁଦ୍ଧା କୌଣସି ସୁଫଳ ଦେଖିବାକୁ ମିଳୁନାହିଁ । ବ୍ୟାପକ ଭାବେ ଚାଲିଛି ପଲିଥିନ ଜରିର ବ୍ୟବହାର । ଯାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଥିଲା ହିଲପାଟଣା ବଡ଼ ସାହିରୁ ଉଦ୍ଧାର ହୋଇଥିବା ଗାଈର ପେଟ ଅସ୍ତ୍ରୋପଚାର ପରେ । ଏହି କାର୍ଯ୍ୟ କେବଳ ଡାକ୍ତରଙ୍କ ଯୋଗୁଁ ହିଁ ସମ୍ଭବପର ହୋଇପାରିଛି । ଡାକ୍ତରଙ୍କ ସମୟୋଚିତ ପଦକ୍ଷେପ ସ୍ୱାଗତ ଯୋଗ୍ୟ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

# ପୋଲିସକୁ ଖୋଲା ଚ୍ୟାଲେଞ୍ଜ: ଦାରିଙ୍ଗବାଡ଼ି ଥାନା ଅଂଚଳରେ ବଢ଼ିଚାଲିଛି ଅପରାଧିକ କାର୍ଯ୍ୟକଳାପ

ବାଲିଗୁଡା, ୦୮/୦୯ (ଆ.ପ୍ର) : କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡ଼ି ଥାନା ଅଂଚଳରେ ଦିନକୁ ଦିନ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି । ଗତ ୩ ଦିନ ମଧ୍ୟରେ ଉକ୍ତ ଥାନା ଅଂଚଳରେ ଏକାଧିକ ଆପରାଧିକ ଘଟଣା ଘଟିବାରେ ଲାଗିଛି । ପ୍ରକାଶ ଯେ, ରବିବାର ବିଳମ୍ବିତ ରାତିରେ କିରିକୁଟି ପଂଚାୟତର ପୂର୍ବତନ ସରପଂଚ ତ୍ରିଲୋଚନ ପ୍ରଧାନ ଓରଫ ଟିଟୁଙ୍କୁ କେହି ଦୁର୍ବୃତ ଧାରୁଆ ଅସ୍ତ୍ରରେ ବେକ, ଛାତି, ପିଠିରେ ଗଭୀର ଆଘାତ କରି ହତ୍ୟା ଉଦ୍ୟମ କରିଥିବା ଘଟଣା ଲୋକଙ୍କୁ ଭୟଭୀତ କରିଥିବାବେଳେ ଗତ ଶୁକ୍ରବାର ୫ ତାରିଖରେ ଜଣେ ନାବାଳିକାଙ୍କୁ କାର୍ ଭିତରେ ଜଣେ ବିବାହିତ ପୁରୁଷ ବଳାତ୍କାର କରି ଏବେ ପର୍ଯ୍ୟନ୍ତ ପୋଲିସ ହାତରେ ଧରା ନ ପଡ଼ିବା ଏହା ଅପରାଧୀଙ୍କ ପୋଲିସକୁ ଖୋଲା ଚ୍ୟାଲେଞ୍ଜ କରୁଥିବା ଜଣାପଡୁଛି । ଗତ ୩ ଦିନରେ ୩ଟି ବାଇକ ଚୋରି ଘଟିଥିବା ଘଟଣା ଅଂଚଳରେ ଆଇନଶୃଙ୍ଖଳା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଥିବା ଜଣାପଡ଼ୁଛି । ଲୋକଙ୍କ ମଧ୍ୟରେ ଗୋଟିଏ ପ୍ରକାର କୋକୁଆ ଭୟ ଦେଖାଯାଇଛି । ସେପଟେ ଏତେ ଘଟଣା ଘଟୁଥିଲେ ମଧ୍ୟ ପୋଲିସ ଘଟଣାକୁ ନେଇ କେତେ ସମ୍ବେଦନଶୀଳ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଅଂଚଳରେ ଚୋରାମଦ କାରବାର ବୃଦ୍ଧି ଅପରାଧର ମୁଖ୍ୟ କାରଣ ବୋଲି କୁହାଯାଉଛି । ପ୍ରକାଶ ଯେ, କୁତୁବାଡ଼ି ଗ୍ରାମର ରବୀନ୍ଦ୍ର ପ୍ରଧାନଙ୍କ ବାଇକ ନଂ. ଓ ଆର – ୦୨ ବିଡବ୍ଲ୍ୟୁ– ୨୮୩୯କୁ ରବିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ ଚୋରି କରିନେଇଯାଇଥିବା ଜଣାପଡ଼ିଛି । ନିଜ କାର୍ ମାଲିକ ଦିନବନ୍ଧୁ ମହାରଣଙ୍କ ଘର ସମ୍ମୁଖରେ ସେ ବାଇକଟି ରଖି ମାଲିକଙ୍କ ସହ ଭୁବନେଶ୍ୱର ଯାଇଥିବା କହିଛନ୍ତି । ସେ ସେଠାରୁ ଫେରିଲେ ଥାନାରେ ଲିଖିତ ଅଭିଯୋଗ କରିବେ ବୋଲି କହିଛନ୍ତି । ଏହା ପୂର୍ବରୁ ଶୁକ୍ରବାର ସିମନବାଡ଼ିର ଏ. ବାଲାଜୀ ପାତ୍ରଙ୍କ ବାଇକ ଚୋରି ଯାଇଥିବା ବେଳେ ଶନିବାର ଦାରିଙ୍ଗବାଡ଼ିରୁ ନର୍ମଦା ମହାରଣାଙ୍କ ବାଇକ୍ ଚୋରିହୋଇଥିବା ଅଭିଯୋଗ ହୋଇଥିଲା ।

# ୫ ଟି ଦେଶୀବନ୍ଧୁକ ଓ ସାମଗ୍ରୀ ସହ ୧୨୭ କେଜି ଗଞ୍ଜେଇ ଜବତ, ଦୁଇ ଗିରଫ



ବାଲିଗୁଡା, ୦୮/୦୯ (ଆ.ପ୍ର) : କନ୍ଧମାଳ ପୁଲିସ ପକ୍ଷରୁ ଆରମ୍ଭ ହୋଇଥିବା "ଅପରେସନ ପ୍ରହରା" ଅଭିଯାନରେ ବାଲିଗୁଡା ପୁଲିସକୁ ମିଳିଛି ସଫଳତା । ଏ ନେଇ ଆଜି ବାଲିଗୁଡା ଏସଡିପିଓ ରମେନ୍ଦ୍ର ପ୍ରସାଦ ଓ ଥାନା ଅଧିକାରୀ ସଂବିତ ସ୍ୱାଇଁ ସାମ୍ବାଦିକ ସମ୍ମିଳନୀ କରି ସଫଳତାର ତଥ୍ୟ ରଖିଛନ୍ତି । ବାଲିଗୁଡା ପୁଲିସ ପକ୍ଷରୁ ଏସଆଇ ଭୋଳାନାଥ ପଣ୍ଡା ଓ ଏସଆଇ ସଞ୍ଜୟ କୁମାର ସ୍ୱାଇଁ ଭିନ୍ନ ଭିନ୍ନ ସ୍ଥାନରେ ପେଟ୍ରୋଲିଂ କରିବା ସମୟରେ ଦୁଇ ଜଣକୁ ଗିରଫ କରିଥିବା ବେଳେ ସେମାନଙ୍କ ଠାରୁ ୫ ଟି ଦେଶୀବନ୍ଧୁକ ଓ ୪ ଟି କାଠ ସାମଗ୍ରୀ ସହ ୧୨୭ କେଜି ଗଞ୍ଜେଇ ଜବତ କରିଛନ୍ତି । ଏ ନେଇ ଦୁଇଟି ପୃଥକ ପୃଥକ ମାମଲାରେ କୋର୍ଟ ଚାଲନ କରାଯାଇଛି । ସୂଚନା ମୁତବକ ସେପଟ୍ମ୍ବର ୭ ତାରିଖ ଦିନ ପୂର୍ବ ସୂଚନା ଅନୁଯାୟୀ ଏସଆଇ ଭୋଳାନାଥ ପଣ୍ଡା ପେଟ୍ରୋଲିଂ କରି ଯାଂଚ କରୁଥିବା ବେଳେ ତିଲୋରି ପଂଚାୟତର ଟକିମହା ଗ୍ରାମର ବଳିଆ ପ୍ରଧାନଙ୍କ ଠାରୁ ଦୁଇଟି ଦେଶୀ ହାତ ତିଆରି ବନ୍ଧୁକ ଜବତ କରିଥିଲେ । ତାଙ୍କ ଠାରୁ କୌଣସି ଲିଇସେନ୍ଶ ତାଙ୍କ ନିକଟରେ ରହିନଥିବା ଜାଣି ଥିଲେ । ଏ ନେଇ ୨୭୪ /୨୫ ରେ ଏକ ମାମଲା ରୁଜୁ କରିଥିଲେ । ସେହିପରି ଏସଆଇ ସଞ୍ଜୟ କୁମାର ସ୍ୱାଇଁ ଗଞ୍ଜେଇ ନିରୀକ୍ଷଣ ପେଟ୍ରୋଲିଂ ସମୟରେ ତିଲୋରି ପଂଚାୟତର ଗୁଣ୍ଡା ଗ୍ରାମର ସୁଜନ ବିଦ୍ଧାଣି ଏକ ନିଛାଟିଆ ସ୍ଥାନରେ ବନ୍ଧୁକ ଧରି ଗଞ୍ଜେଇ ପ୍ୟାକେଟକୁ ଜାଗିରହି ଥିଲା । ଏତିକି ବେଳେ ପୁଲିସ ମାଡି ବସିଥିଲେ । ପଚରା ଉଚରା ପରେ ତା ନିକଟରୁ ମୋଟ ୩ ଟି ଦେଶୀ ବନ୍ଧୁକ ୪ ଟି କାଠ ବଟଷ୍ଟକ ସହ ୧୨୭ କେଜି ଗଞ୍ଜେଇ ଯାହାର ଆନୁମାନିକ ମୂଲ୍ୟ ୬ ରୁ ୭ ଲକ୍ଷ ଟଙ୍କା ହେବ ଜବତ ହୋଇଥିଲା । ଏ ଦୁହେଁ ନିଜ ଗାଁ ରେ ଦୀର୍ଘ ଦିନ ହେବ ଏଭଳି ଦେଶୀ ବନ୍ଧୁକ ତିଆରି କରି ଗଞ୍ଜେଇ ମାଫିଆ ସମେତ ବିଭିନ୍ନ ଅପରାଧିକ ମାମଲାରେ ବ୍ୟବହାର କରୁଥିଲେ । ଗୋଟିଏ ଗୋଟିଏ ଦେଶୀ ବନ୍ଧୁକର ମୂଲ୍ୟ ୩୦ ରୁ ୪୦ ହଜାର ଟଙ୍କାରେ ବିକ୍ରି କରୁଥିଲେ । ଦୁଇ ଜଣକୁ ପୁଲିସ ଗିରଫ କରି ଅଧିକ ତଦନ୍ତ କରାଯାଉଥିବା ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ମାନଙ୍କୁ ମଧ୍ୟ ପୁଲିସ ଖୋଜୁ ଥିବା କହିଛନ୍ତି ଏସଡିପିଓ ରମେନ୍ଦ୍ର ପ୍ରସାଦ ।

# ସ୍ୱାସ୍ଥ୍ୟ ସେବିକାଙ୍କ ପରଲୋକ



ଭଦ୍ରକ, ୦୮/୦୯ (ଆ.ପ୍ର) : ଭଦ୍ରକ ସହରର ଗବସାହି ଭିଆଇପି ନଗରର ସ୍ୱାସ୍ଥ୍ୟ ସେବିକା ମେନକା ସୁନ୍ଦରୀ ଭଞ୍ଜ ଙ୍କର ଆଜି ସୋମବାର ମଧ୍ୟାହ୍ନ ୨.୨୦ସମୟରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କର ୭୮ ବୟସ ହୋଇଥିଲା । ସେ ହଠାତ ଅସୁସ୍ଥ ହୋଇପଡ଼ିଥିଲେ ଓ ଆଜି ତାଙ୍କର ପରଲୋକ ହୋଇଥିଲା । ସେ ପ୍ରଥମେ ଜିଲ୍ଲାର ଆଗରପଡା, ପରେ ଦୀର୍ଘ ୨୬ବର୍ଷ ଧରି ଭଦ୍ରକ ବ୍ଲକର ଗେଲଟୁଆ ଡାକ୍ତରଖାନା ରେ ଓ ପରେ ଚାନ୍ଦବାଲି, ଭଣ୍ଡାରିପୋଖରୀ, ପୁରୁଣା ବଜାର ଓ ଶେଷରେ ଭଦ୍ରକ ମୁଖ୍ୟଚିକିତ୍ସାଳୟରେ ଅବସର ନେଇଥିଲେ । ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପ୍ରାକ୍ତନ ବିଧାୟକ ରାଜେନ୍ଦ୍ର କୁମାର ଦାସ, ସାମ୍ବାଦିକ ରବିନାରାୟଣ ଖିଲାର, ଆଇନଜୀବି ଆଦିତ୍ୟ କୁମାର ନାୟକ, ଫେଲୋସିପିର ସମ୍ପାଦକ ଏସଏମ ଫାରୁକ, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ପରମାନନ୍ଦ ସାହୁ, ଯୁବ ନେତା ଦୁର୍ଗା ଦାସ, ଶିଳ୍ପଦ୍ୟୋଗୀ ଜ୍ଞାନେନ୍ଦ୍ର ମହାନ୍ତି, ଦଶ ଯୁକ୍ତ ଦୁଇ ଯୁକ୍ତ ତିନର ସଭାପତି ତପନ କୁମାର ନାୟକ, ହରିହର କର, କାଲୁ ପଣ୍ଡା, ଶାନ୍ତନୁ ଗୁହ, ଶିକ୍ଷକ ରାଜେଶ ଦାସ, କବି ମୁକ୍ତି କାନ୍ତ ମଲ୍ଲିକ, ପ୍ରସର୍ନ ଦାସ,ଅମରେନ୍ଦ୍ର ପ୍ରଧାନ, ମୁକ୍ତି କାନ୍ତ ନାୟକ, ଆଇନଜୀବୀ ଗଦାଧର ବଳ, ପୁଅ ଆଇନଜୀବୀ ଦୀପକ ସାହୁ, ସାନପୁଅ ଖବରଦାତା ଅଶୋକ କୁମାର ସାହୁଙ୍କ ସମେତ ପରିବାରବର୍ଗ, ଆତ୍ମୀୟ ସ୍ୱଜନ ଓ ବନ୍ଧୁ ବାନ୍ଧବ ଉପସ୍ଥିତ ଥିଲେ । ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗ ଦ୍ୱାର ନିଆଯାଇ ସେଠାରେ ଅନ୍ତେଷ୍ଟି କ୍ରିୟା କରାଯାଇଥିଲା ।

# ବାଣପୁର ବରିଷ୍ଠ ନାଗରିକ ସଂଘର ସାଧାରଣ ସଭା ଅନୁଷ୍ଠିତ



ଚିଲିକା/ବାଣପୁର, ୦୮/୦୯ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ବାଣପୁର ବିଧାରପୂର ସ୍ଥିତ ଶୁଭ ମଙ୍ଗଳ କଲ୍ୟାଣ ମଣ୍ଡପ ପରିସରରେ ଥିବା ପରିଡ଼ା ପାଠାଗାର ସଭାଗୃହରେ ବାଣପୁର ବରିଷ୍ଠ ନାଗରିକ ସଙ୍ଘର ସାଧାରଣ ସଭା ସଭାପତି ଡ଼ଃ ଚିନ୍ତାମଣି ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଏହି ସଭାରେ ସଂଘର ଉପସଭାପତି ତଥା ପରିଡ଼ା ପାଠାଗାରର ପ୍ରତିଷ୍ଠାତା ଶ୍ରୀ ଗୋଲକ ବିହାରୀ ପରିଡ଼ା, ସହସଂପାଦକ ବିଭୂତି ଭୂଷଣ ନନ୍ଦ, କୋଷାଧ୍ୟକ୍ଷ ଶିବରାମ ସୁବୁଦ୍ଧି, ନନ୍ଦ କିଶୋର ମିଶ୍ର, କ୍ୟାପଟେନ ଭବାନୀ ପ୍ରସାଦ ହୋତା, ଲକ୍ଷ୍ମୀ ଚରଣ ପ୍ରଧାନ, ଆଇନଜିବୀ ରବୀନ୍ଦ୍ର ନାଥ ମାନସିଂହ ପ୍ରମୁଖ ବହୁସଭ୍ୟ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ । ସଭାରେ ସ୍ୱର୍ଗତ ଶଶୀଭୂଷଣ ରଥ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ଆତ୍ମାର ସଦଗତି ନିମନ୍ତେ ସମସ୍ତ ସଭ୍ୟମାନଙ୍କ ଦ୍ୱାରା ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏହାପରେ ଆୟ ବ୍ୟୟର ହିସାବ ସହିତ ବରିଷ୍ଠ ନାଗରିକ ସଂଘର ସ୍ଥାୟୀଗୃହ ନିମନ୍ତେ ଆଲୋଚନା ହୋଇଥିଲା । ବରିଷ୍ଠ ନାଗରିକ ମାନଙ୍କ ପରିଚୟ ପତ୍ର, ସ୍ୱାସ୍ଥ୍ୟ ସେବା, ବୀମାଭୁକ୍ତ ସହ ସମସ୍ତ ସରକାରୀ ଯୋଜନା ଅନୁଯାୟୀ ସବୁ ସୁବିଧା ସୁଯୋଗ ଯୋଗାଇ ଦେବା ନିମନ୍ତେ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇ କାର୍ଯ୍ୟକରିବାକୁ ପ୍ରସ୍ତାବ ଆଲୋଚିତ ହୋଇଥିଲା, ଏହି ଆଲୋଚନାରେ ଉପସଭାପତି, ସହସଂପାଦକ, ଉପସ୍ଥିତ ଥିବା ବହୁ ସଭ୍ୟ ଭାଗନେଇଥିଲେ । ଶେଷରେ ଉପସ୍ଥିତ ସମସ୍ତଙ୍କୁ ଉପସଭାପତି ଗୋଲକ ବିହାରୀ ପରିଡ଼ା ଧନ୍ୟବାଦ ପ୍ରଦାନ କରିଥିଲେ ।

# ବ୍ଲକସ୍ତରୀୟ ଆନ୍ତର୍ଜାତିକ ସାକ୍ଷରତା ଦିବସ ପାଳିତ



ପାପଡାହାଣ୍ଡି, ୦୮/୦୯ (ଆ.ପ୍ର) : ଆଜି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ପାପଡାହାଣ୍ଡି ଆନୁକୁଲ୍ୟରେ ବ୍ଲକ ସ୍ତରୀୟ ଆନ୍ତର୍ଜାତୀୟ ସାକ୍ଷରତା ଦିବସ ସ୍ଥାନୀୟ ଲାଲ୍ ବାହାଦୁର ଉଚ୍ଚ ବିଦ୍ୟାଳୟ, ପାପଡାହାଣ୍ଡି ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ପାପଡାହାଣ୍ଡି ବ୍ଲକ୍ ଉପାଧ୍ୟକ୍ଷ ଶ୍ରୀ ସୁଶାନ୍ତ କୁମାର ବେହେରା, ସମ୍ମାନୀତ ଅତିଥି ରୂପେ ସମନ୍ୱିତ ଶିଶୁ ବିକାଶ କେନ୍ଦ୍ର, ପାପଡାହାଣ୍ଡିର ସୁପରଭାଇଜର ଶ୍ରୀମତୀ ଚନ୍ଦନା ମହାରଣା, ସହଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପୂଜାରୀ, ଅନ୍ୟତମ ସହଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ବାଳକଦାସ ରନ୍ଧାରୀ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପାପଡାହାଣ୍ଡି ବ୍ଲକର ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ, ସଭ୍ୟା, ସାମାଜିକ ଗଣମାଧ୍ୟମର ପ୍ରତିନିଧି ସମୂହ, ତଥା ପାପଡାହାଣ୍ଡି ବ୍ଲକର ସମସ୍ତ ଆଂଚଳିକ ସାଧନ କେନ୍ଦ୍ର, ସଂଯୋଜକ ଯୋଗ ଦେଇଥିଲେ । ସର୍ବପ୍ରଥମେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ପାପଡାହାଣ୍ଡି ଗ୍ରାମରେ ଗ୍ରାମ ପରିକ୍ରମା କରାଯାଇ ଆନ୍ତର୍ଜାତୀୟ ସାକ୍ଷାରତା ଦିବସ ସମ୍ପର୍କରେ ଜନସଚେତନତା ସୃଷ୍ଟି କରାଯାଇ ଏସମ୍ପର୍କରେ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଶ୍ରୀ ସୁଦାମ ଚରଣ ସେଠୀ ମଂଚ ପରିଚାଳନା କରିଥିଲେ । ପରିଶେଷରେ ସହଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ପୂଜାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଜଣେଇ କାର୍ଯ୍ୟକ୍ରମଟିର ପରିସମାପ୍ତି ଘୋଷଣା କରିଥିଲେ ।

# ଗ୍ରାମାଂଚଳ ଖୁଦୁରୁକୁଣୀ ଉତ୍ସବ ଉଦଯାପିତ



ଚିଲିକା/ବାଣପୁର, ୦୮/୦୯ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ ମୋରାମୋରି ଗ୍ରାମ ପଂଚାୟତ ଅଧୀନ କନ୍ଧ ଆମ୍ବଝର ର ଅଗ୍ରଣୀ ସାଂସ୍କୃତିକ ସଂଗଠନ ମା ବାଉତି କଳା ନିକେତନର ଖୁଦୁରୁକୁଣୀ ଉତ୍ସବ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଉଦଯାପିତ ହୋଇଯାଇଛି । ଅନୁଷ୍ଠାନ ତରଫରୁ ଖୁଦୁରୁକୁଣୀ କମିଟି ସଦସ୍ୟା ରିଙ୍କି, ପୂଜା, ପପି, ଟୁକୁ, ପୁଷ୍ପା, ଗୁଡୁ, ସୁପ୍ରିୟା ଓ ସଙ୍ଗୀତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଓଡ଼ିଶାର ପ୍ରାଚୀନ ନୌବାଣିଜ୍ୟ ସ୍ମୃତି ଆଧାରିତ ଉତ୍ସବର ଉଦଯାପନ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ବସନ୍ତ କୁମାର ସାହୁ, ମୁଖ୍ୟ ବକ୍ତା ଭାବେ ନାଟ୍ୟକାର ଭିକାରୀ ଚରଣ ପ୍ରଧାନ, ମୋରାମୋରି ଗ୍ରାମ ପଂଚାୟତର ସରପଂଚ ବସନ୍ତ କୁମାର ମାଳି, ସମ୍ମାନିତ ଅତିଥି ଭାବେ ନାଚୁଣୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ରାଜ କିଶୋର ସାହୁ, ଉତ୍କଳିକା ସଙ୍ଗୀତ ଏକାଡେମୀ ର ସଙ୍ଗଠିକା ଅର୍ପିତା ମହାପାତ୍ର, ସମାଜସେବୀ ରଘୁନାଥ ପ୍ରଧାନ ଗୋଲକ ବିହାରୀ ଜେନା, ଅଶୋକ କୁମାର ମାଝୀ, ଧ୍ରୁବ ଚହଟରାୟ ପ୍ରମୁଖ ଯୋଗଦେଇ ଓଡ଼ିଶାର ଗୌରୋଜ୍ଜଳ ସାଂସ୍କୃତିକ ପରମ୍ପରା ଓ ପର୍ବପର୍ବାଣୀରେ କୁମାରୀ ମାନଙ୍କ ଦ୍ୱାରା ଭାଦ୍ରବ ମାସରେ ପାଳିତ ଖୁଦୁରୁକୁଣୀ ଓଷାର ସ୍ୱତନ୍ତ୍ର ପରିଚୟ ରହିଛି ବୋଲି ଅଭିଭାଷଣ ମାଧ୍ୟମରେ ମତ ବ୍ୟକ୍ତ କରିଥିଲେ । ମଂଚ ସଂଯୋଜନା କରିଥିଲେ ନୃତ୍ୟଗୁରୁ ସତ୍ୟ ନାରାୟଣ ବାରିକ । ସାଂସ୍କୃତିକ କାର୍ଯ୍ୟକ୍ରମରେ ଉତ୍କଳିକା ସଙ୍ଗୀତ ଏକାଡେମୀ, ଡ୍ୟାନ୍ସ, ଚିଲିକା ଏବଂ ସ୍ଥାନୀୟ ଶିଶୁ କଳାକାର ମାନେ ଚିତାକର୍ଷକ ନୃତ୍ୟ ପରିବେଷଣ କରି ଥିଲେ । ନୃତ୍ୟ ପ୍ରତି ଯୋଗିତାରେ ଯୁଗ୍ମ ନୃତ୍ୟ ପରିବେଷଣ ପାଇଁ ପରୀ ଓ ପବିତ୍ରଙ୍କୁ ପ୍ରଥମ ପୁରସ୍କାର, ସୋନାଲୀ –ଶ୍ରୀତମ୍‌ଙ୍କୁ ଏବଂ ଲିଜା – ଗୌତମଙ୍କୁ ଦ୍ୱିତୀୟ ପୁରସ୍କାର, ମଙ୍ଗୁ–ଶିବୁନ୍‌ଙ୍କୁ ତୃତୀୟ ପୁରସ୍କାର ନିମନ୍ତ୍ରିତ ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଏହି ଅବସରରେ ସମସ୍ତ ଅତିଥି ମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ ଶିବୁ ପ୍ରଧାନ ।

# ବଡଚଣା ଥାନା ଅଧିକାରିଣୀଙ୍କ ବଦଳି ପ୍ରତିବାଦ, ଥାନା ଆଗରେ ବିକ୍ଷୋଭ




ଯାଜପୁର, ୦୮/୦୯ (ଆ.ପ୍ର) : ଯାଜପୁର ଜିଲ୍ଲା ବଡଚଣା ଥାନାଅଧିକାରିଣୀ ମଧୁସ୍ମିତା ବେହେରାଙ୍କ ବଦଳିକୁ ନେଇ ବଢୁଛି ଜନ ଅସନ୍ତୋଷ । ଏହାର ପ୍ରତିବାଦରେ ଆଜି ଥାନା ଆଗରେ ସାଧାରଣ ଜନତା ଓ ବଜରଙ୍ଗଦଳ ବସି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ସାଧାରଣ ଜନତା ଓ ବଜରଙ୍ଗ ଦଳ କର୍ମୀ । ପ୍ରାୟ ଚାରିମାସ ହେବ ବଡଚଣା ଥାନାଅଧିକାରିଣୀ ଭାବେ ମଧୁସ୍ମିତା ବେହେରା ଯୋଗଦାନ କରିଥିଲେ । ଅନେକ ସମୟରେ ରାତି ଅଧରେ ଗୋରୁ ଗାଡ଼ି ଜବତ କରୁଥିବା ଦେଖିବାକୁ ମିଳୁଥିଲା । ସାଧାରଣ ଲୋକେ ବେଶ୍ ପ୍ରଶଂସା ମଧ୍ୟ କରିଥିଲେ । ଗତକାଲି ଅଚାନକ ଯାଜପୁର ମୁଖ୍ୟାଳୟକୁ ତାଙ୍କର ବଦଳି ହୋଇଥିବା ଏକ ପତ୍ର ମାଧ୍ୟମରେ ଦେଖିବାକୁ ମିଳିଥିଲା । ଏହି ଘଟଣାକୁ ସାଧାରଣ ଜନତା ସହଜରେ ଗ୍ରହଣ କରି ପାରି ନାହାଁନ୍ତି । ଅନ୍ୟ ପଟେ ଏହି ଘଟଣା ପଛରେ ସ୍ଥାନୀୟ ବିଧାୟକ ଏବଂ ଜିଲ୍ଲା ଏସପିଙ୍କ ବଡ଼ ସମ୍ପୃକ୍ତି ଥିବା ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି ।

# କୋଲନରାରେ ରାୟଗଡ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ




କୋଲନରା / ରାୟଗଡ, ୦୮/୦୯ (ଆ.ପ୍ର) : ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ ସଭାଗୃହ ଠାରେ ରାୟଗଡ ଜିଲ୍ଲାପାଳ ଶ୍ରୀ ଆଶୁତୋଷ କୁଲକର୍ଣ୍ଣିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି ଶିବିର ରେ ଅତିରିକ୍ତ ଆରକ୍ଷୀ ଅଧିକରି ଅମୂଲ୍ୟ କୁମାର ଧର, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲ୍ଲାପାଳ ରାୟଗଡ଼, ଶ୍ରୀ ରମେଶ କୁମାର ଜେନା, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ଭି ସରୋଜିନୀ ଦେବୀ ଯୋଗଦେଇ ସମସ୍ତ ଅଭିଯୋଗର ଶୁଣାଣୀ କରିଥିଲେ । ଆଜି ମୋଟ ୬୬ ଟି ଅଭିଯୋଗ ର ଶୁଣାଣୀ ହୋଇଥିବା ବେଳେ, ସେଥିରୁ ୪୨ଟି ବ୍ୟକ୍ତିଗତ, ୨୧ଟି ସାମୁହିକ ଦରଖାସ୍ତ ଓ ୦୩ଟି ମେଡିକାଲ ଦରଖାସ୍ତ ପଞ୍ଜିକରଣ ହୋଇଥିଲା । ରେଡ଼କ୍ରସ ପାଣ୍ଠିରୁ ୦୩ଜଣଙ୍କୁ ୪୦,୦୦୦ଟଙ୍କାର ଆର୍ଥିକ ସହାୟତା ଜିଲ୍ଲାପାଳ ପ୍ରଦାନ କରିଥିଲେ । ସମସ୍ତ ଅଭିଯୋଗ ଜିଲ୍ଲାପାଳ ଗ୍ରହଣ କରିବା ପରେ ଅଭିଯୋଗ ଗୁଡିକୁ ତଦନ୍ତ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କୁ ଦରଖାସ୍ତ ଗୁଡିକ ପ୍ରଦାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଏହି ଅଭିଯୋଗ ଶିବିରରେ ଜିଲ୍ଲା ଶିକ୍ଷା ଅଧିକାରୀ ରାମ ଚନ୍ଦ୍ର ନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଗୌର ହରି ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଜିଲ୍ଲା ଯୋଗାଣ ଅଧିକାରୀ ଦଶରଥୀ ସୋରେନ, ଲିଡ଼ ବ୍ୟାଙ୍କ ଅଧିକାରୀ ଦେବେନ୍ଦ୍ର ବାଉରୀଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ । କୋଲନରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରିନା ପ୍ରଧାନ ଶିବିର ପରିଚାଳନା କରିଥିଲେ ।

# ବିରିଡ଼ି ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର




ଜଗତସିଂହପୁର, ୦୮/୦୯ (ଆ.ପ୍ର) : ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ବିରିଡ଼ି ବ୍ଲକ୍ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି ।ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ରହି ଉପରିସ୍ଥ ଅଧିକାରୀ ମାନେ ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗ ର ଶୁଣାଣି କରିଥିଲେ । ଆଜି ମୋଟ ୫୯ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୪୯ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୦ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମସ୍ୟା ସମ୍ପର୍କୀୟ ୦୨ ଟି, ଆବାସ ପାଇଁ ୩ ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୯ ଟି, ଭତା ପାଇବା ପାଇଁ ୦୫ ଟି, ପୋଲିସ ସହାୟତା ପାଇଁ ୦୬ ଟି ଏବଂ ଅନ୍ୟାନ୍ୟ ୧୮ ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୦୬ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ,ଜିଲ୍ଲା ପରିଷଦ ର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ , ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସତ୍ୟବ୍ରତ ଦାସ ,ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ,ବିରିଡ଼ି, ଶ୍ରୀମତି ଆୟୁଷୀ ପତି, ତହସିଲଦାର, ବିରିଡ଼ି,ଶ୍ରୀ ସଞ୍ଜୟ କୁମାର ବେହେରା, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତି ଅଭିଯୋଗ ର ଶୁଣାଣି କରିଥିଲେ ।

# ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, ରାୟଗଡ ଠାରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ




ରାୟଗଡ଼ା, ୦୮/୦୯ (ଆ.ପ୍ର) : ଦେଶ ଓ ଏହାର ପ୍ରଗତି ପଥରେ ଶିକ୍ଷା ଯେ ଅନିର୍ବାଜ୍ୟ ଏ ସମ୍ବନ୍ଧରେ ଦ୍ୱିମତର ଅବକାଶ ନାହିଁ । ଶିକ୍ଷା ମଣିଷ ଜୀବନ ପାଇଁ ନିହାତି ଅପରିହାର୍ଯ୍ୟ । ଶିକ୍ଷା ବିନା ମଣିଷର ଜୀବନର ମାନେ କିଛି ନଥାଏ । ନିରକ୍ଷର ବ୍ୟକ୍ତି ଟିଏ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରେ ନାହିଁ । ଅଜ୍ଞତା ହେତୁ ସେ ଅନେକ ସୁବିଧା ସୁଯୋଗରୁ ବଂଚିତ ହୋଇଥାଏ । ନିରକ୍ଷରତା ଯୋଗୁଁ ସେ ଅନ୍ୟମାନଙ୍କ ଅପେକ୍ଷା ବହୁତ ପଛରେ ପଡିଥାଏ । ଏଥିସକାଶେ ଭାରତ ସରକାରଙ୍କ ଉଦ୍ୟମରେ ସାକ୍ଷରତା କର୍ଜ୍ୟକ୍ରମ ସାରା ଭାରତ ବର୍ଷରେ ଆରମ୍ଭ ହୋଇଛି । ଆଧୁନିକ ଶିକ୍ଷା ପଦ୍ଧତିକୁ ନେଇ ନବଭାରତ ଶିକ୍ଷା କାର୍ଜ୍ୟକ୍ରମ (ଘଓଖଚ) ରେ ସମସ୍ତ ଅଶିକ୍ଷିତ ଲୋକଙ୍କୁ ସାକ୍ଷର କରିବା ପାଇଁ ଉକ୍ତ ପଦକ୍ଷେପ ନିଆ ଯାଇଛି । ୧୯୫୬ ମସିହାରେ ଟଘରଝଉଙ, ପ୍ରତିବର୍ଷ ସେପଟ୍ମ୍ବେର ୦୮ ତାରିଖକୁ ଆନ୍ତର୍ଜାତୀୟ ସାକ୍ଷରତା ଦିବସ ରୂପେ ପାଳନକରିବା ପାଇଁ ଘୋଷଣା କରିଥିଲେ । ତଦନୁଯାୟୀ ଆଜି ସେପ୍ଟେମ୍ବର ୦୮, ୨୦୨୫ ତାରିଖ ଆନ୍ତର୍ଜାତୀୟ ସାକ୍ଷରତା ଦିବସ ରାୟଗଡ଼ ଜିଲ୍ଲାରେ ପାଳନ କରାଯାଇଛି । ପ୍ରତେକ ବିଦ୍ୟାଳୟରେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ରାଲି କରି ନିରକ୍ଷରତାକୁ ଦୂର କରିବା ପାଇଁ ଆହ୍ୱାନ ଦେଇଥିଲେ । ସେହିପରି ପ୍ରତେକ ବ୍ଲକରେ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ସାକ୍ଷରତା ଦିବସ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, ରାୟଗଡ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଶ୍ରୀ ଭାଜାନଲାଲ ମାଝି ଓ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ବିଜ୍ଞାନ ନିରିକ୍ଷକ, ଶ୍ରୀ ଦୀପକ କୁମାର ବେହେରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଶ୍ରୀ ଛବିଲାଲ ସିଂ, ଜିଲ୍ଲା ପ୍ରଶିକ୍ଷଣ ଓ ତାଲିମ କେନ୍ଦ୍ର, ବିଷମକଟକ ର ଅଧକ୍ଷ୍ୟ ଶ୍ରୀ ଜଗନ୍ନାଥ ମେହେର ଏବଂ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସୁନିତା ଭୋଇ ଯୋଗ ଦେଇଥିଲେ । ପ୍ରାରମ୍ଭିକ ଭାଷଣରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ରାୟଗଡ ବିଶ୍ୱ ସାକ୍ଷରତା ଦିବସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ସୂଚନା ଦେଇଥିଲେ । ମୁଖ୍ୟ ବକ୍ତା ଶ୍ରୀ ମେହେର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ଜାତୀୟ ଶିକ୍ଷାନୀତି ୨୦୨୦ ଏବଂ ସାକ୍ଷରତା ହାରକୁ ବୃଦ୍ଧି କରିବା ପାଇଁ ଆଗାମୀ ଦିନର କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ । ଶେଷରେ ସିଆରସିସି, ଶ୍ରୀ ସଦାନନ୍ଦ ନାୟକ ସମସ୍ତ ଅତିଥି ବୃନ୍ଦ, ଶିକ୍ଷକ/ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

